## ଅସ୍ଥାୟୀ ଗୃହରେ କୋର୍ଟ କାମ ପାଇଁ ପ୍ରକ୍ରିୟା ଆରମ୍ଭ

ବଡ଼ଗାଁ, (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ପ୍ରତିଷ୍ଠା ପାଇଁ ଉଚ୍ଚ ନ୍ୟାୟାଳୟ ମଞ୍ଜୁରୀ ମିଳିବା ପରେ ତହସିଲ ଅଫିସ ପାର୍ଶ୍ୱରେ ଜମି ଚିହ୍ନଟ ହୋଇଛି। ତେବେ ଗୃହ ନିର୍ମାଣରେ ବିଳମ୍ବ ହେଉଥିବାରୁ ଏକ ଅସ୍ଥାୟୀ ଗୃହରେ କୋର୍ଟ କାମ ଆରମ୍ଭ କରିବା ଉଦ୍ଦେଶ୍ୟରେ ଦୌରାଜଜ ପ୍ରଦୀପ ମହନ୍ତ, ରେଜିଷ୍ଟ୍ରାର ଦିଲୀପ ଶତପଥି, ନାଜିର ଦିଲ୍ଲୀପ ସାମଲଙ୍କ ସହିତ ବଡଗାଁର ବିଭିନ୍ନ ବିଭାଗର ମୁଖ୍ୟମାନେ ଆଲୋଚନା କରିଛନ୍ତି। ବଡ଼ଗାଁ ଷ୍ଟେଟ ବ୍ୟାଙ୍କ ସମ୍ମୁଖ କମ୍ୟୁନିଟି ସେଣ୍ଟର ଓ ଆଇସିଡିଏସ୍ ଅଫିସ ସମ୍ମୁଖ ଟସର ଅଫିସର ଖାଲିଥିବା ଗୃହକୁ ଚୟନ କରାଯାଇଥିବା ଜଣାପଡିଛି।



**ସଂକ୍ଷେପରେ**

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ: ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ



କୁତ୍ରା, ୧୯।୮ (ଡି.ଏନ.ଏ.):ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତରକେରା ଗ୍ରାମବାସୀ ମାସେ ହେଲାଣି ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ଘରକୁ ଘର ପାଇପ ସଂଯୋଗ ବ୍ୟବସ୍ଥା କରାଯାଇଛି। କିନ୍ତୁ ତରକେରା ଗ୍ରାମବାସୀ ଗୋଟିଏ ମାସ ହେଲାଣି ପାଣିରୁ ବଞ୍ଚିତ ହେଉଛନ୍ତି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୋଟେ ମାସ ହେଲାଣି ଖରାପ ହୋଇ ପଡିଛି। ଯେଉଁଥିପାଇଁ ପାଇପ ଯୋଗେ ପାଣି ଆସିବା ବନ୍ଦ ହୋଇଯାଇଛି। ସୁବିଧାରେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ଗ୍ରାମର ୫୦୦ ପରିବାର। ଏବାବଦରେ କୁତ୍ରା ବିଦ୍ୟୁତ୍ ବିଭାଗରେ ବାରମ୍ବାର ଅଭିଯୋଗ କଲେ ମଧ ଏହାର ସମାଧାନ ହୋଇ ପାରୁନାହିଁ ବୋଲି ଅଭିଯୋଗ କରୁଛନ୍ତି ଗ୍ରାମବାସୀ। ଶେଷରେ ଗଣମାଧମ ଆଗରେ ନିଜର ଅସୁବିଧା ବିଷୟରେ ମୁହଁ ଖୋଲିଛନ୍ତି ଗ୍ରାମବାସୀ। ଏବାବଦରେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଏହି ଟ୍ରାନ୍ସଫର୍ମରଟି ଏକ ଠିକା ସଂସ୍ଥା ଦ୍ୱାରା ଲଗାଯାଇଥିଲା। ଏହା ଏବେ ଗ୍ୟାରେଣ୍ଟି ସମୟ ମଧରେ ଅଛି। ତେଣୁ ସେହି ଠିକା ସଂସ୍ଥାକୁ ଏହି ଟ୍ରାନ୍ସଫର୍ମରକୁ ପରିବର୍ତ୍ତନ କରି ନୂତନ ଟ୍ରାନ୍ସଫର୍ମର ଲଗାଇବାକୁ କୁହାଯାଇଛି ବୋଲି କନିଷ୍ଠ ଯନ୍ତ୍ରୀ ଗୌତମ ଓଝା କହିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ସୁନ୍ଦରଗଡ଼/କୁତ୍ରା,୧୯।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକର ଲୋଆରାମ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ସମାଜସେବୀ ନିରୂପମା ପତି ଦାଶଙ୍କୁ ଚଳିତବର୍ଷ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି। ବୃକ୍ଷ ହିଁ ଜୀବନ, ସବୁଜ ବନାନୀ ଏବଂ ସୁସ୍ଥ ସୁନ୍ଦର ପ୍ରାକୃତିକ ପରିବେଶ ନିମନ୍ତେ ବୃକ୍ଷ ରୋପଣ ହିଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେକରି ପରିବେଶକୁ ସନ୍ତୁଳିତ କରିବା ପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ନିଶା ଭାବେ ଗ୍ରହଣ କରିଛନ୍ତି। ସେ ରାଉରକେଲା ସୁନାଫୁଲ ସାହିତ୍ୟ ସଂସଦର ସାଂସ୍କୃତିକ ସମ୍ପାଦିକା ମଧ ଅଛନ୍ତି। ସେ ଯେଉଁଠି ଥିଲେ ବି ଗଛ ଲଗାଇବା ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ନିମନ୍ତେ ସବୁବେଳେ ଲୋକଙ୍କୁ ସଚେତନ କରିଥାନ୍ତି। ରେଡ଼ିଓ କାର୍ଯ୍ୟକ୍ରମ ମାଧମରେ ପରିବେଶ ଉପରେ ଆଲୋଚନା, ସାକ୍ଷାତ୍କାର ତାଙ୍କର ଆଭିମୁଖ୍ୟ। ଉତ୍ତମ ଶିକ୍ଷୟିତ୍ରୀ ସାଙ୍ଗକୁ ରାଜ୍ୟ ଓ ଜିଲାସ୍ତରରେ ସାଧନକର୍ମୀ ଓ ମାର୍ଗଦର୍ଶିକା ଭାବରେ ପରିଚିତ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ଶିବିର, ପ୍ରତିଯୋଗିତା ମଧ ଆୟୋଜନ କରାଇଥାନ୍ତି। ଏହି ସଫଳତା ପାଇଁ ସେ ପ୍ରଭୂ ଜଗନ୍ନାଥ, ସମସ୍ତ ପରିବାର ସଦସ୍ୟ, ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

# ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ଦାବି ତେଜୁଛି

ସୁନ୍ଦରଗଡ଼,୧୯।୮(ଡି.ଏନ୍.ଏ.)



ସୁନ୍ଦରଗଡ଼ ନାଗରିକ କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସୁନ୍ଦରଗଡ଼ରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ ଦାବି ତେଜୁଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଗୁରୁବାର ସୁନ୍ଦରଗଡ଼ ନାଗରିକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଏନେଇ ଆଲୋଚନା କରାଯାଇଛି। ନାଗରିକ କମିଟିର ସଭାପତି ଅଶୋକ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ଏନ୍‌ଟିପିସି ଦ୍ୱାରା ନିର୍ମିତ ହୋଇଥିବା ଏନ୍‌ଟିପିସି ହସ୍ପିଟାଲକୁ କେନ୍ଦ୍ର ସରକାର ଦ୍ୱିତୀୟ ଏମ୍ସ ଭାବରେ ଗ୍ରହଣ କରି ଏହା ତୁରନ୍ତ ଚାଲୁ କରିବା ପାଇଁ ଦାବି ହୋଇଛି। ଓଡ଼ିଶା ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ସୁନ୍ଦରଗଡ଼ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇସାରିଛନ୍ତି। କେନ୍ଦ୍ର ସରକାରଙ୍କ ସହିତ ଯୋଗାଯୋଗ କରି ଏମ୍ସ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି। ଆସନ୍ତା ବିଧାନସଭା ଅଧିବେଶନ ସମୟରେ ସୁନ୍ଦରଗଡ଼ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ ଏକ ସଂକଳ୍ପ ପାରିତ କରିବା ପାଇଁ ଅନୁରୋଧ କରାଯାଇଛି।

ସୁନ୍ଦରଗଡ଼ଠାରେ ଏମ୍ସ ପ୍ରତିଷ୍ଠା ପାଇଁ ସମସ୍ତ ରାଜନୈତିକ ଦଳ, ବୁଦ୍ଧିଜୀବୀ, ଶ୍ରମିକ, ଯୁବ, ଛାତ୍ର ସଙ୍ଗଠନ, ସାମାଜିକ ସଙ୍ଗଠନଙ୍କ ସମର୍ଥନ ପାଇଁ ନାଗରିକ କମିଟି ଆହ୍ୱାନ ଦେଇଛି। ଆସନ୍ତା ଦିନରେ ବ୍ୟାପକ ଜନମତ ସୃଷ୍ଟି କରିବା ପାଇଁ ବିଭିନ୍ନ ସଙ୍ଗଠନଙ୍କ ସହ ମିଳିତ ଭାବରେ କାମ କରିବ। ଏହା ସହିତ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଦାବି ହୋଇଛି। ଝାରସୁଗୁଡ଼ାଠାରୁ ଅମ୍ବିକାପୁର ଭାୟା ସୁନ୍ଦରଗଡ଼ ରେଳ ଲାଇନ ନିର୍ମାଣ ପାଇଁ ଦାବି ହୋଇଛି। ଡିଏମ୍‌ଏଫ୍ ପାଣ୍ଠିରେ ନିର୍ମିତ ବିଜୁଳିବନ୍ଧର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ଦୃଢ ଦାବି ହୋଇଛି। ବିଜୁଳିବନ୍ଧର ନିର୍ମାଣ କାର୍ଯ୍ୟକୁ ଦେଖିଲେ ଡିଏମ୍‌ଏଫ୍ ପାଣ୍ଠିର ସଦୁପଯୋଗର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି ହୁଏ। ଏହି ବୈଠକରେ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠି, ପୂର୍ବତନ ଓକିଲ ସଂଘର ସଭାପତି କମଲ ସେନ, ନାଗରିକ କମିଟିର କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ବିରଞ୍ଚିନାରାୟଣ ତ୍ରିପାଠୀ, ଉପସଭାପତି ହରଯେନ୍ଦ୍ର ସିଂ, ପ୍ରଦୀପ ସିଂ, ଗୋପ ମହାନ୍ତି, ଟୁନା ସାହୁ, ଅଜିତ ପ୍ରସାଦ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ କୁମାର ପଣ୍ଡା, ପଞ୍ଚା ବାର୍ଲା, ସହ ସମ୍ପାଦକ ଅମିତାଭ ଯୋଶୀ, ସୁମନ୍ତ ସାହୁ, ପ୍ରଣବ ସିଂ, ବିଶ୍ୱରଞ୍ଜନ ହୋତା, ସୁନିଲ ମହାପାତ୍ର, ନେପାଳ ସାହୁ, ସୁମନ୍ତ ପଟେଲ, ଦେବାଶିଷ ଦାସ ପ୍ରମୁଖ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। କମିଟିର ସମ୍ପାଦକ ଧର୍ମେଶ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

- ସୁନ୍ଦରଗଡ଼ ନାଗରିକ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏମ୍ସ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା
- କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗ କରି ଏମ୍ସ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଅନୁରୋଧ

## ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କ ଘରୁ ଲୁଟ୍

ବଡ଼ଗାଁ,୧୯।୮ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ଜଣାଶୁଣା ବ୍ୟବସାୟୀ ଶିବଶଙ୍କର ଅଗ୍ରୱାଲଙ୍କ ଘରୁ ଲୁଟ୍ ହୋଇଛି। ବୁଧବାର ରାତି ପ୍ରାୟ ୯ଟାରେ ୧୦ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କ ଘରେ ପ୍ରବେଶକରି ବନ୍ଧୁକ ଦେଖାଇ ସୁନାଗହଣା, ମୋବାଇଲ ଓ ୨ଟି ସ୍କୁଟି ନେଇ ଫେରାର୍ ହୋଇଯାଇଥିଲେ। ଶିବଶଙ୍କରଙ୍କ ପୁଅ ଛୋଟୁ ଦୋକାନ ବନ୍ଦ କରି ରାତି ୯ଟାରେ ଘରକୁ ଯାଇ ପହଞ୍ଚିଥିଲେ। ଛୋଟୁ ଘରେ ପ୍ରବେଶ କଲାବେଳେ ବାଇକ୍‌ରେ ଦୁର୍ବୃତ୍ତମାନେ ପହଞ୍ଚି ଘର ଭିତରକୁ ପଶି ଭୁଜାଲି ଓ ପିସ୍ତଲ ଦେଖାଇ ଟଙ୍କା, ସୁନା ଗହଣା ଦେଇ ଦେବାକୁ ଧମକ ଦେଇଥିଲେ। ମାତ୍ର ୧୦ ମିନିଟ ମଧ୍ୟରେ ଲୁଟ୍‌ପାଟ କରିବା ସହିତ ୨ଟି ସ୍କୁଟିକୁ ନେଇ ଚାଲିଯାଇଥିଲେ। ଦୁର୍ବୃତ୍ତମାନେ ୧୦ ଦିନ ମଧରେ ୧୫ ଲକ୍ଷ ଟଙ୍କା ନ ଦେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡିବ ବୋଲି ଚେତାବନୀ ଦେଇଥିଲେ। ୨ ସ୍କୁଟିକୁ ଦୁର୍ବୃତ୍ତମାନେ ସାହାଜବାହାଲ ଗାଁ ନିକଟରେ ଛାଡି ଚାଲିଯାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ରାତି ୯ଟାରେ ଘରେ ପଶି ଲୁଟ୍ ପ୍ରଥମ ଘଟଣା ହୋଇଥିବାରୁ ବ୍ୟବସାୟୀ ମହଲରେ ଭୟ ସୃଷ୍ଟି କରିଛି। ଗତ କିଛି ମାସ ହେଲା ବଡ଼ଗାଁ ଥାନା ଅଞ୍ଚଳରେ ଚୋରି ଓ ଲୁଟ୍ ଘଟଣା ବଢ଼ି ଚାଲିଥିବାରୁ ଓ ପୋଲିସ ଅପରାଧିଙ୍କୁ ଧରିବାରେ ଏଯାଏଁ ବିଫଳ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଶିଶୁଙ୍କୁ ସ୍ପିରୁଲିନା ଖୁଆଇଲେ ଅଙ୍ଗନୱାଡି କର୍ମୀ



ଅଙ୍ଗନୱାଡି କେନ୍ଦ୍ରରେ ସ୍ପିରୁଲିନା ଚିକି ଓ ଚିନି ଶିଶୁମାନଙ୍କୁ ଖାଇବାକୁ ଦିଆଯାଉଛି।

କୁଆଁରମୁଣ୍ଡା,୧୯।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ୭ମାସରୁ ୨ବର୍ଷ ଓ ୨ ବର୍ଷରୁ ୬ବର୍ଷ ବୟସର ଶିଶୁମାନଙ୍କୁ ଗୁରୁବାର ସ୍ପିରୁଲିନା ଚିନି ଓ ଚିକି ଅଙ୍ଗନୱାଡି କର୍ମୀମାନେ ଖୁଆଇଛନ୍ତି। ୭ମାସରୁ ୨ବର୍ଷର ଶିଶୁମାନଙ୍କୁ ସ୍ପିରୁଲିନା ଚିନି ଖାଇବାକୁ ଦିଆଯାଇଥିବା ବେଳେ ୨ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ସ୍ପିରୁଲିନା ଚିକି ଖାଇବାକୁ ଦିଆଯାଇଛି। ଶିଶୁଙ୍କ ପୋଷଣ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଜାରି ରଖିଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଶିଶୁଙ୍କର ଉତ୍ତମ ପୋଷଣ ସଙ୍ଗେସଙ୍ଗେ ଶାରିରୀକ ଓ ମାନସିକ ସୁସ୍ଥତା ବଜାୟ ରଖିବା। ଜିଲାର ଲେଫ୍ରିପଡ଼ା ବ୍ଲକରେ ପାଇଲଟ୍ କାର୍ଯ୍ୟକ୍ରମ ଭାବେ ଆରମ୍ଭ ହୋଇ ସଫଳତା ପାଇବା ପରେ ଏବେ ଜିଲାର ସମସ୍ତ ବ୍ଲକକୁ ସମ୍ପ୍ରସାରିତ କରାଯାଇଛି। ଉକ୍ତ ବୟସର ପିଲା ପ୍ରତିଦିନ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ସ୍ପିରୁଲିନା ଖାଇବା ସହ ସୁସ୍ଥ ଜୀବନଶୈଳୀ ଆପଣାଇ ପାରିବେ। ଏଥିପାଇଁ ପ୍ରତ୍ୟେକ ଶିଶୁର ମାତାପିତା ପ୍ରତିଦିନ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ନେବାକୁ ଯତ୍ନବାନ ହେବା ଜରୁରୀ ଆବଶ୍ୟକତା ରହିଛି।

## ବରସୁଆଁରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ଲହୁଣୀପଡ଼ା,୧୯।୮(ଡି.ଏନ୍.ଏ.)



ବିଜେଡ଼ି କାର୍ଯ୍ୟାଳୟ ଉଦ୍‌ଘାଟନୀ ମୂହୂର୍ତ୍ତ।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଶସ୍ୟକଳା ପଞ୍ଚାୟତର ବରସୁଆଁଠାରେ ବିଜୁ ଜନତା ଦଳ(ବିଜେଡ଼ି)ର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ରାମ ନାଏକ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବାବେଳେ ଶସ୍ୟକଳା ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରାଯାଇଥିଲା। ବରସୁଆଁଠାରେ ବିଜୁ ଜନତା ଦଳ ତରଫରୁ ଦଳୀୟ କାର୍ଯ୍ୟାଳୟ ଖୋଲା ଯିବା ଦ୍ୱାରା ଏଠାରେ ଶସ୍ୟକଳା ପଞ୍ଚାୟତ ଓ ଭୁଡୁଡା ପଞ୍ଚାୟତର ସମସ୍ତ ଦଳୀୟ କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ। ଦଳର ସଙ୍ଗଠନକୁ ସୁଦୃଢ କରାଯାଇ ପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ନୂତନ କାର୍ଯ୍ୟାଳୟ ଉଦଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧରେ ଶସ୍ୟକଳା ସମିତି ସଭ୍ୟ ଆଣ୍ଟୋନି ଟପ୍ପୋ, ଗ୍ରାବିଏଲ ଓରିଆ, ପାତ୍ରାସ କଛପ, ସୁଧୀର ଜେନା, ଦିପାରାଣୀ ଡାଙ୍ଗ, ବୁଦୁନି ସୁରିନ, ପ୍ରତିମା, ଏଲିନା ମୁଣ୍ଡା, ମୁନି ବେହେରା, ଇମଲିନା ଟପ୍ପୋ ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଭର୍ଚୁଆଲ ମୋଡ୍‌ରେ ଆଇନ୍ ସଚେତନତା ଶିବିର

ସୁନ୍ଦରଗଡ଼, ୧୯।୮ (ଡି.ଏନ୍.ଏ)

ଜିଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଗୁରୁବାର ପ୍ରାଧିକରଣ କାର୍ଯ୍ୟାଳୟ ପରିସରରେ ଭର୍ଚୁଆଲ ମୋଡରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦୀପ କୁମାର ମାହାନ୍ତଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଜନମଙ୍ଗଳ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାଧିକରଣର ସଚିବ ଶୁଭଶ୍ରୀ ପ୍ରଧାନ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ କିଭଳି ଭାବରେ ଜନସାଧାରଣ ସୁବିଧାରେ ପାଇପାରିବେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଙ୍କର ମହାନ୍ତି ଓ ନିତ୍ୟାନନ୍ଦ ଚୌବେ ଅତିଥି ଭାବେ ଯୋଗଦେଇଥିଲେ। ସୁନ୍ଦରଗଡ଼ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକ ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କ ପାଇଁ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା, ବିଜୁବାବୁ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ସଦର ବ୍ଲକର ଅତିରିକ୍ତ ବିଡିଓ ସଚ୍ଚିଦାନନ୍ଦ ପଟେଲ, ବବିଲତା ବେହେରା, ବଣାଇ ଉପଖଣ୍ଡ ସହକାରୀ ଜିଲା ସମାଜ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ, ସଦର ବିଡିଓ ମିତ୍ରଭାନୁ ନାଏକ ,ଅର୍ଦ୍ଧେନ୍ଦୁ ଗଡନାୟକ ,ସଂଗ୍ରାମ କୁମାର ବିଶ୍ୱାଳ ପ୍ରମୁଖ ସରକାରୀ ଅଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଶିବିରକୁ ପ୍ରାଧିକରଣ ସଚିବ ଶୁଭଶ୍ରୀ ପ୍ରଧାନ ପରିଚାଳନା କରିଥିଲେ।

## ଡାଲମିଆ ସିମେଣ୍ଟ ଦ୍ୱାରା ପ୍ରତିଭା ସମ୍ମାନିତ

ରାଜଗାଙ୍ଗପୁର,୧୯।୮ (ଡି.ଏନ୍.ଏ.)

ରାଜଗାଙ୍ଗପୁର ମାଟିରେ ଜନ୍ମ ନେଇ ବିଭିନ୍ନ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରି ଅଞ୍ଚଳକୁ ଗର୍ବିତ କରିଥିବା କେତେଜଣ ପ୍ରତିଭାଙ୍କୁ ସମ୍ମାନିତ କରିବା ପାଇଁ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଦ୍ୱାରା ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁରର ଅଭିଷେକ ଶୁକ୍ଲାଙ୍କୁ ସମ୍ମାନିତ କରାଯାଇଥିଲା। ଅଭିଷେକ ଚଳିତବର୍ଷ ଭାରତୀୟ ଦିବ୍ୟାଙ୍ଗ କ୍ରିକେଟ ଟିମର ସମସ୍ତ ଫର୍ମାଟରେ ଟେଷ୍ଟ, ଦିନିକିଆ ଓ ଟି-୨୦ ଅନ୍ତରାଷ୍ଟ୍ରୀୟ ଖେଳିବା ପାଇଁ ଚୟନ ହୋଇଛନ୍ତି। ରାଜଗାଙ୍ଗପୁର ଏବଂ କୁତ୍ରା ବ୍ଲକର ୨୭ଟି ସରକାରୀ ଉଚ୍ଚ ବିଦ୍ୟାଳୟର ମ୍ୟାଟ୍ରିକ ପରୀକ୍ଷାରେ କୃତୀ ହାସଲ କରିଥିବା ୨୭ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ତିନି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାବିତ୍ରୀ ପାତ୍ରା, ଗୀତ ବିଡାଇକ ଏବଂ ରାଜଗାଙ୍ଗପୁରର ଶ୍ରମିଳା ଦତ୍ତଙ୍କୁ ଯଥାକ୍ରମେ ଛତୁ ଚାଷ, ସୌନ୍ଦର୍ଯ୍ୟ ଓ କଲ୍ୟାଣ ଏବଂ ସିଲେଇରେ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ଡାଲମିଆ ସିମେଣ୍ଟର ଜାତୀୟ ଉତ୍ପାଦନ ମୁଖ୍ୟ ଗଣେଶ ଜିରକୁଣ୍ଡୱାର କାର୍ଯ୍ୟକ୍ରମରେ ଯୋଗଦେଇ ଏହି ପ୍ରତିଭାଗଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରାଜଗାଙ୍ଗପୁର କାରଖାନା ମୁଖ୍ୟ ଚେତନ ଶ୍ରୀବାସ୍ତବ, କମ୍ପାନୀର ଉପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସରୋଜ କୁମାର ରାଉତ ଉପସ୍ଥିତ ସମସ୍ତ ପ୍ରତିଭାଙ୍କୁ ସ୍ୱାଗତ ଜଣାଇଥିଲେ । ସୃଜିତ ମିଶ୍ର, ଡ. ବଳରାମ ପଣ୍ଡା, ଡାଲମିଆ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ. ରାଘବେନ୍ଦ୍ର ଦ୍ୱିବେଦୀ ଉପସ୍ଥିତ ଥିଲେ। ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ମାନବସମ୍ବଳ ବିଭାଗର ମୁଖ୍ୟ ବଳରାମ ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଦକ୍ଷତା ବିକାଶର ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ଦକ୍ଷତା ପରୀକ୍ଷା ଦେଉଛନ୍ତି ଯୁବତୀଯୁବକ।

କୁତ୍ରା, ୧୯।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଦକ୍ଷତା ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୨୩ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ଏଥିରେ ଦକ୍ଷତା ବିକାଶ ସକାଶେ ବ୍ୟବସ୍ଥା କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷ ପରାମର୍ଶଦାତା ଯୁବ ବର୍ଗଙ୍କୁ ତାଙ୍କର ଦକ୍ଷତା ମୁତାବକ ଯୋଜନାଗୁଡିକୁ ଆଲୋକପାତ କରି ଦକ୍ଷତା ଓ ରୋଜଗାରକୁ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ପରାମର୍ଶଦାତା ପ୍ରବୀଣ କୁମାର, ଅନୀଲ ପଟେଲ, ଜଗନ୍ନାଥ ନାଏକ ସହଯୋଗ ପ୍ରଦାନ କରିଥିଲେ। ଜିଲା ଖଣିଜ ପାଣ୍ଠିରୁ ଏପ୍ରକାର ଅଭିନବ ପ୍ରୟାସକୁ ଅଞ୍ଚଳର ବେକାର ଯୁବକଯୁବତୀ ପ୍ରଶଂସା କରିଛନ୍ତି। ଆଗକୁ ଏପ୍ରକାର ପ୍ରୟାସ ଜାରି ରଖିବା ପାଇଁ ଦାୟିତ୍ୱ ନେଇଥିବା ଅନୁଷ୍ଠାନ ପ୍ରୟାସ ଜାରି ରଖୁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ସହରବାସୀଙ୍କୁ ମୌଳିକ ସେବା ମିଳୁ



କଂଗ୍ରେସ କର୍ମକର୍ତ୍ତା ପୌରନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼, ୧୯।୮ (ଡି.ଏନ୍.ଏ)

ସୁନ୍ଦରଗଡ଼ ସହରବାସୀଙ୍କୁ ପ୍ରତିଶ୍ରୁତି ମୁତାବକ ମୌଳିକ ସେବା ଯୋଗାଇ ଦିଆଯାଉ। ନଚେତ ୩୧ ତାରିଖ ସ୍ୱାୟତ୍ତଶାସନ ଦିବସକୁ କଳା ଦିବସ ରୂପେ ପାଳନ କରିବା ସହ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଜିଲା କଂଗ୍ରେସ କମିଟି ଚେତାବନୀ ଦେଇଛି। ସହରର ସମସ୍ତ ମୁଖ୍ୟ ରାସ୍ତାଗୁଡିକର ଷ୍ଟ୍ରିଟଲାଇଟ, ବିଭିନ୍ନ ଗଳିକନ୍ଦିରେ ଥିବା ମୁଖ୍ୟରାସ୍ତାଗୁଡିକରେ ଥିବା ନାଳ ନର୍ଦ୍ଦମା ନିୟମିତ ସଫେଇ, ମଶା ଧୂଆଁ, ମଶା ତେଲ ପକାଇବା ଓ ରାସ୍ତା ଉପରୁ ଗୃହପାଳିତ ପଶୁ ହଟାଇବା, ସହରବାସୀଙ୍କୁ ଆସନ୍ତା ୩୦ ତାରିଖ ମଧ୍ୟରେ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବା ଆଦି ଦାବିନେଇ ଗତ ୫ତାରିଖରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହାଙ୍କ ଅନୁରୋଧକ୍ରମେ ଜିଲା କଂଗ୍ରେସ କମିଟିର ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୌରପାଳିକା କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାବେଳେ କଂଗ୍ରେସର ଦାବି ମୁତାବକ ସୁନ୍ଦରଗଡ଼ ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବା ସହ ନାଳନର୍ଦ୍ଦମା ସଫେଇ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନାବେଳେ ଜିଲା କଂଗ୍ରେସ କମିଟିର ବରିଷ୍ଠ ନେତା ନିମାଇଁ ଚରଣ ନାଏକ, ଜିଲା ଉପସଭାପତି ଅଜିତ ପ୍ରସାଦ, ଟାଉନ କଂଗ୍ରେସ କମିଟି ସଭାପତି ନେପାଳ ଚନ୍ଦ୍ର ସାହୁ, ଜିଲା ସାଧାରଣ ସମ୍ପାଦକ କାଳୀପଦ ସାମଲ, ଆଡଭୋକେଟ ପ୍ରଣବ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ୩୪୮ ଶିଶୁଙ୍କୁ ମିଳିଲା ଆଶୀର୍ବାଦ ଯୋଜନାରେ ସହାୟତା



ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ କରାଯାଉଛି।

ଦେବଗଡ଼, ୧୯।୮(ଡି.ଏନ୍.ଏ.)

୨୦୨୦ ଏପ୍ରିଲ ପହିଲାଠାରୁ ଉଭୟ ବାପା, ମା କିମ୍ବା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇ ଥିବା ପିଲାମାନଙ୍କ ଶିକ୍ଷାଦୀକ୍ଷା ଭରଣପୋଷଣ ତଥା ଯତ୍ନ ପାଇଁ ଓଡ଼ିଶା ସରକାରଙ୍କ ଦାରା ଘୋଷିତ ହୋଇଥିବା ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ ଆରମ୍ଭ ହୋଇଛି। ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅନୁମୋଦନ କ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ୩୪୮ ପିଲାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୫ ଲକ୍ଷ ୪୬ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇ ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ ।

ପ୍ରଥମ ପର୍ଯ୍ୟାୟରେ ଜୁଲାଇରେ ୧୦୩ ଜଣ ହିତାଧିକାରୀଙ୍କୁ ଆଶୀର୍ବାଦ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ମାସରେ ମୋଟ ୩୪୮ଶିଶୁଙ୍କୁ ପ୍ରଦାନ କରାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ସହାୟତା ପ୍ରଦାନ କରାଯାଇଥିବା ମୋଟ ୩୪୮ ହିତାଧିକାରୀଙ୍କ ମଧ୍ୟରୁ ୬ଜଣ ପିତୃମାତୃହୀନ ପୁଅ ଓ ୩ ଜଣ ଝିଅକୁ ୨୫୦୦ ଟଙ୍କା ଲେଖାଏଁ ଓ ରୋଜଗାରକ୍ଷମ ପିତାଙ୍କୁ ହରେଇଥିବା ମୋଟ ୧୬୫ ପୁଅ ଓ ୧୮୪ ଝିଅଙ୍କୁ ୧୫୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପର୍ଯ୍ୟାୟରେ ବାରକୋଟ ବ୍ଲକର ୧୪୩ ଜଣ ଶିଶୁ, ରିଆମାଳ ବ୍ଲକର ୯୭, ତିଲେଇବଣୀର ୯୬ ଓ ପୌରାଞ୍ଚଳର ମୋଟ ୨୨ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଆଶୀର୍ବାଦ ଯୋଜନାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାରେ ମୋଟ ୪୪୨ ଜଣ ଶିଶୁଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସହାୟତା ୧୮ ବର୍ଷ ହେବା ପର୍ଯ୍ୟନ୍ତ ପିଲାମାନେ ପାଇପାରିବେ। ଉଭୟ ପିତାମାତାଙ୍କୁ ହରାଇଥିବା, ଯେଉଁ ଶିଶୁମାନେ ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି, ସେମାନଙ୍କୁ ଗ୍ରୀନ ପ୍ୟାସେଜ ସ୍କୀମ ମାଧ୍ୟମରେ ମଧ ସହାୟତା ପ୍ରଦାନ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପିତାମାତା ଉଭୟଙ୍କୁ ହରାଇଥିବା ମୋଟ ୧୯ଶିଶୁଙ୍କୁ ମାସିକ ୫୦୦ ଟଙ୍କା ଲେଖାଏଁ ମଧୁବାବୁ ପେନ୍‌ସନ୍ ପ୍ରଦାନ କରିବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସୁପାରିଶ କରିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଆଶୀର୍ବାଦ ଯୋଜନାରେ ଏହି ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ପିଲାମାନେ ସେମାନଙ୍କ ପରିବାର ଓ ଆତ୍ମୀୟ ସ୍ୱଜନମାନଙ୍କ ଗହଣରେ ହିଁ ରହିବେ।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ଝାରସୁଗୁଡ଼ା ଅଫିସ: ଝାରସୁଗୁଡା ଟାଉନ ଥାନା ବିଜୁନଗରର ଏକ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଓ ୪୦ ହଜାର ନଗଦ ଟଙ୍କା ଚୋରିକରି ନେଇଛନ୍ତି। ଏ ନେଇ ଘର ମାଲିକ ନବ କିଶୋର ବାରିକ ବୁଧବାର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଟାଉନ୍ ଥାନା କେସ୍ ନଂ(୪୧୩/୨୧)ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଗତ ଶନିବାର ଘର ମାଲିକ ତାଲାପକାଇ ସପରିବାର ବାହାରକୁ ଯାଇଥିଲେ। ଗତ ମଙ୍ଗଳବାର ଫେରିବା ପରେ ଘରୁ ଚୋରି ହୋଇଥିବା ଦେଖିଥିଲେ।

## ସଂକ୍ଷେପରେ

### ଦେହରେ ନିଆଁ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ସମ୍ବଲପୁର,୧୯।୮(ବ୍ୟୁରୋ): ସମ୍ବଲପୁର ଜିଲା ଶାସନ ଥାନା ଝାରଘାଟି ଗ୍ରାମର ଉଷା ଖଡିଆ (୩୮) ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଶାସନ ଥାନା ଅଧିକାରୀ ଲୋକନାଥ ସାହୁ କହିଛନ୍ତି, ଉଷା ବହୁଦିନରୁ ମାନସିକ ଚାପରେ ରହିଆସୁଥିଲେ। ଗୁରୁବାର ଘରେ କେହି ନ ଥିବା ସମୟରେ ସେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ୱାମୀ ସୁରେଶ ଘରକୁ ଫେରିବା ପରେ ଉଷାଙ୍କ ପୋଡା ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

### ମିଶନ ଚାଟଶାଳୀ ପାଠର ଶୁଭାରମ୍ଭ

ଜମନକିରା,୧୯।୮(ଡି.ଏନ୍.ଏ.): ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଷଣ୍ଢପଥରଠାରେ ମହିଳା ଜନ ସଂଘର୍ଷ ସମିତି ପକ୍ଷରୁ ଚାଟଶାଳୀ ପାଠ ଅଭିଯାନ ଆରମ୍ଭ ହୋଇଛି। ଏକ ଖବରଦାତା ସମ୍ମିଳନୀରେ ମହିଳା ସମିତିର ବ୍ଲକ୍ ସଭାନେତ୍ରୀ ପିରୋବତୀ ସିଂ ଏହି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟା ଭଗବତୀ ଭୋଇ, କେନାଡ଼ିପା ସରପଞ୍ଚ ସଞ୍ଜୟ ଧରୁଆ, ଜିଲା ସଂଯୋଜକ ପରଦେଶୀ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଶ୍ରମଜୀବୀ ସଂଘ, ଭୁବନେଶ୍ୱରର ମହିଳା ଶ୍ରମଜୀବୀ ମଞ୍ଚ ଓ ନୂଆଦିଲ୍ଲୀ ଆତ୍ମଶକ୍ତି ଟ୍ରଷ୍ଟ ପକ୍ଷରୁ ୨୦୨୦ କୋଭିଡ୍ ମହାମାରୀ ସମୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା। ସେହିପରି କୋଭିଡ୍ ଦ୍ୱିତୀୟ ଲହର ସମୟରେ ଉପରୋକ୍ତ ସଙ୍ଗଠନ ସହ ଜନ ସଂଘର୍ଷ ସମିତି ମିଳିତ ଭାବେ ମିଶନ ଚାଟଶାଳୀ ପାଠ ମାଧ୍ୟମରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପ୍ରୟାସ ଆରମ୍ଭ କରିଛି। ଉକ୍ତ ମିଶନ ଦ୍ୱାରା ଓଡ଼ିଶାର ୧୭ ଜିଲାରେ ୫ ଲକ୍ଷ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯିବ। ଏଥିପାଇଁ ୨୫ ହଜାର ଶିକ୍ଷା ସାଥୀଙ୍କୁ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି।

### 'ପ୍ରବନ୍ଧ ଘରା' ଉନ୍ମୋଚିତ

ସମ୍ବଲପୁର,୧୯।୮ (ବ୍ୟୁରୋ): ସମ୍ବଲପୁର ପ୍ରବନ୍ଧ ସଂକଳନ 'ପ୍ରବନ୍ଧ ଘରା' ପାନ୍ଥ ନିବାସ ସଭା କକ୍ଷଠାରେ ଉନ୍ମୋଚିତ ହୋଇଯାଇଛି। ସମ୍ବଲପୁରୀ ଲେଖକ ପରିଷଦ ସଭାପତି ମୁକ୍ତକଣ୍ଠ ପ୍ରଧାନ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଶତ୍ରୁଘ୍ନ ଲାଲ ସାହା, ଡ. ମନୋଜ ପଣ୍ଡା, ଡ. ଗୌରିଦାନ ପ୍ରଧାନ, ଡ. ଶ୍ୟାମ ଭୋଇ ସମ୍ବଲପୁରୀ ଭାଷା ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପୁସ୍ତକ ରଚୟିତା ଡ. ଦ୍ୱାରିକାନାଥ ନାୟକ ସମ୍ବଲପୁରୀ ଭାଷା ସାହିତ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ।

### ରାଜ୍ୟସ୍ତରୀୟ ଚିତ୍ରକଳା କର୍ମଶାଳା

ସମ୍ବଲପୁର,୧୯।୮ (ବ୍ୟୁରୋ): ସମ୍ବଲପୁର ଚିତ୍ରକାର ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଚିତ୍ରକଳା କର୍ମଶାଳା ବୁର୍ଲାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶାର ୧୦ଜଣ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ଚିତ୍ରକର ସଂଯୋଜିକା ସୁଜାତା ବେହେରାଙ୍କ ତତ୍ତ୍ୱାବଧାନରେ କର୍ମଶାଳା ହୋଇଥିଲା। ସଞ୍ଜୟ କୁମାର ସାହୁ, ମନୋଜ କୁମାର ଚୌଧୁରୀ, ଅନୀଲ କେର୍କେଟା, କେଦାର ନାୟକ, ପ୍ରେମଚାନ୍ଦ ରାଉତ ଅଂଶଗ୍ରହଣ କରିଥିଲେ। ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝି ଓ ଭିସୁଟ ଆର୍କିଟେକ ବିଭାଗର ସହକାରୀ ପ୍ରଫେସର ଶାଶ୍ୱତ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ସଂଗ୍ରାମ ଜେନାଙ୍କ ବିୟୋଗରେ କଂଗ୍ରେସର ଶୋକ

କୁଚିଣ୍ଡା,୧୯।୮ (ଡି.ଏନ.ଏ.): ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ବିୟୋଗରେ କୁଚିଣ୍ଡା କଂଗ୍ରେସ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନଗର ସଭାପତି ଅଖିଳ ପ୍ରତାପ ସିଂ, ବ୍ଲକ କଂଗ୍ରେସ ସଭାପତି ଲବଣୀଧର ନାଏକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଟୁଲୁ ଶର୍ମା, ଟୁନା ମହାନନ୍ଦ ପ୍ରମୁଖ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନାଙ୍କ ପୁଅ ସଂଗ୍ରାମ କରୋନାରେ ଆକ୍ରାନ୍ତ ହୋଇ ରାଜ୍ୟ ବାହାରେ ଚିକିତ୍ସିତ ହେଉଥିଲେ। ଗୁରୁବାର ତାଙ୍କର ଦେହାନ୍ତ ହୋଇଥିଲା।

# ଶ୍ରାବଣରେ ଚାଷଜମି ଫାଟି ଆଁ

■ ସମସ୍ତ ବ୍ଲକ ପ୍ରଭାବିତ, ଚିନ୍ତାରେ ଚାଷୀ

■ ବୁଣା ଧାନ ନଷ୍ଟ, ରୁଆ ବିଳମ୍ବିତ

ସମ୍ବଲପୁର,୧୯।୮(ବ୍ୟୁରୋ)

ଚଳିତବର୍ଷ ମେ' ଶେଷ ଓ ଜୁନ ମାସସାରା ଅଦିନିଆ ଓ ଲଘୁଚାପ ଜନିତ ବର୍ଷା ଯୋଗୁ ସମ୍ବଲପୁର ଜିଲାର ଅମଳ ଧାନ ନଷ୍ଟ ହୋଇଥିଲା। କିନ୍ତୁ ଏବେ ପାଣି ଅଭାବରୁ ଚାଷକାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ଶ୍ରାବଣ ମାସ ବର୍ଷାରେ ଧରାପୃଷ୍ଠ ସବୁଜ ସୁନ୍ଦର ହୋଇଥାଏ। ହେଲେ ଚଳିତବର୍ଷ ଶ୍ରାବଣ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଆବଶ୍ୟକ ପରିମାଣ ବର୍ଷା ନାହିଁ। ଫଳରେ ଜିଲାର ବିଶେଷକରି ଅଣଜଳସେଚିତ ଅଞ୍ଚଳରେ ଚାଷଜମି ଫାଟି ଆଁ କରିଛି। ଚାଷୀମାନେ ମରୁଡି ସ୍ଥିତି ଆଶଙ୍କା କରି ଚିନ୍ତାରେ ରହିଛନ୍ତି। ପାଣି ଅଭାବରୁ ବୁଣା ଧାନଗଛ ନଷ୍ଟ ହେବାକୁ ବସିଥିବା ବେଳେ ରୁଆ କାର୍ଯ୍ୟ ମଧ୍ୟ ବିଳମ୍ବ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଚାଷୀ ଅଶୋକ ପ୍ରଧାନ କହିଛନ୍ତି ଯେ, ପାଣିପାଗ ବିଭାଗ ପକ୍ଷରୁ ସ୍ୱାଭାବିକ ବର୍ଷା ହେବା ନେଇ ସୂଚନା ଦିଆଯାଇଥିଲା। ଏହାକୁ ନେଇ ଚାଷୀମାନେ ବେଶ୍ ଉତ୍ସାହିତ ହୋଇଥିଲେ। ଅଣଜଳସେଚିତ ଅଞ୍ଚଳରେ ବୁଣା ଧାନ ସରିଯାଇଛି। ହେଲେ ଧାନ ଗଛ ନଷ୍ଟ ହୋଇସାରିଲାଣି। ଜଳସେଚିତ ଅଞ୍ଚଳରେ ମଧ୍ୟ ଧାନ ରୁଆ ହୋଇଛି। ହେଲେ ବର୍ଷା ଅଭାବରୁ ଚାଷୀ ଦ୍ୱିତୀୟ ଥର ସାର ପ୍ରୟୋଗ କରି ପାରୁନାହିଁ। ଅନେକ ଅଞ୍ଚଳରେ ବିଲରେ ପାଣି ଅଭାବରୁ ଜମି ପଡିଆ ପଡିବା ସମ୍ଭାବନା ଦେଖାଦେଲାଣି। ଶ୍ରାବଣ ମାସ ଚାଷୀ ଓ ଚାଷ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ପୂର୍ବରୁ କରୋନା କଟକଣା ଯୋଗୁ ଚାଷୀମାନେ ଶ୍ରମିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ହେଲେ କୌଣସିମତେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ବର୍ଷା ପୁଣି ଦାଉ ସାଧିଲାଣି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଜିଲାର ୯ ବ୍ଲକରେ ଅଣଜଳସେଚିତ ଓ ଜଳସେଚିତ ମୋଟ ୧ ଲକ୍ଷ ୪ ହଜାର ୭୫୦ ହେକ୍ଟର ଜମିରେ ଖରିଫ ଫସଲ ହେବା ନେଇ କୃଷି ବିଭାଗ ଲକ୍ଷ୍ୟ ରଖିଛି।


ଜିଲାର ଅଣଜଳସେଚିତ ଅଞ୍ଚଳରେ ବର୍ଷା ଅଭାବରୁ ଚାଷ ଜମି ଫାଟି ଆଁ କରିଛି।

## ବ୍ରହ୍ମପୁରା ମନ୍ଦିରରେ ଝୁଲଣଯାତ୍ରା


ଝୁଲଣ ମଣ୍ଡପରେ ଶ୍ରୀକୃଷ୍ଣ ଉପବିଷ୍ଟ ହୋଇଛନ୍ତି।

ସମ୍ବଲପୁର,୧୯।୮ (ବ୍ୟୁରୋ)

ସମ୍ବଲପୁର ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିରଠାରେ ଶ୍ରୀକୃଷ୍ଣଙ୍କ ଝୁଲଣ ଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ଏହା ଶ୍ରାବଣ ପୂର୍ଣ୍ଣିମା ତିଥିରେ ଶେଷ ହେବ। ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସେବାୟତମାନେ ଠାକୁରଙ୍କ ବେଶ କରିବା ସହ ଝୁଲଣ ମଣ୍ଡପକୁ ସୁସଜ୍ଜିତ କରିଥିଲେ। ସନ୍ଧ୍ୟାରେ ଭକ୍ତମାନେ ଠାକୁରଙ୍କୁ ଝୁଲାଇବା ସହ ପୂଜାର୍ଚ୍ଚନା କରିଥିଲେ। ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲେଜ ଭିତ୍ତିଭୂମିକୁ ନେଇ ଉଦ୍‌ବେଗ

ଝାରସୁଗୁଡ଼ା ଅଫିସ,୧୯।୮

ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ କଲେଜର ୫୩ତମ ପ୍ରତିଷ୍ଠା ଦିବସ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଓ ପୂର୍ବତନ ଛାତ୍ର ସଂସଦ ସଭାପତି ସନ୍ଦୀପ କୁମାର ଅବସ୍ଥୀ, ପୂର୍ବତନ ଛାତ୍ର ତଥା ବରିଷ୍ଠ ଆଇନଜୀବୀ ତାପସ ରାୟ ଚୌଧରୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦେବତା, ଶିକ୍ଷାବିତ୍ ଟହଲୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପିକା ସ୍ୱର୍ଣ୍ଣମୟୀ ପୁରୋହିତ ପରିଚାଳନା କରିଥିବାବେଳେ ଅଧ୍ୟକ୍ଷ ଲ୍ୟୁଟନାଣ୍ଟ ବିଭୂତି ଭୂଷଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଜିଲାପାଳ ସାମଲ ଶିକ୍ଷାର ଭୂମିକା, ଆଗାମୀ ପିଢି ତଥା ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ, ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି, ନାଗରିକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। କଲେଜ ପ୍ରତିଷ୍ଠାକୁ ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଭିତ୍ତିଭୂମି ସୁଦୃଢ ହୋଇପାରି ନ ଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଶାସନ ତରଫରୁ ଅସମାପ୍ତ ସ୍ପୋର୍ଟସ୍ ଓ ଟ୍ରେନିଂ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ କରିବା ସହିତ କବି ବିନୋଦ ଚନ୍ଦ୍ର ଗ୍ରନ୍ଥାଗାର ପାଇଁ ଏକ ନୂତନ ଗୃହ ନିର୍ମାଣ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଲାର ବରପୁତ୍ର ତଥା ପୂର୍ବତନ କୁଳପତି ପ୍ରଫେସର ଧ୍ରୁବରାଜ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଥିଲା।



ପ୍ରତିଷ୍ଠା ଦିବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପକ୍ଷରୁ ବୃକ୍ଷରୋପଣ

ଝାରସୁଗୁଡ଼ା ଅଫିସ,୧୯।୮

କୋଲ୍ ଇଣ୍ଡିଆ ତରଫରୁ ଭର୍ଚୁଆଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଗୁରୁବାର କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏମ୍‌ସିଏଲ୍ ଲଖନପୁର କୋଇଲା କ୍ଷେତ୍ର ତରଫରୁ ଖଣି ପରିସର ଭ୍ୟୁ ପଏଣ୍ଟରେ ଜିଏମ୍ ଅନିଲ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲଖନପୁର ବିଡିଓ ସଞ୍ଜୀବ ପଟେଲ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବେଲପାହାଡ ପୌର ପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ଜିଲାପରିଷଦ ସଦସ୍ୟ ସାମଲ ନାୟକ, ଲଖନପୁର କୋଇଲା ଖଣି ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର କୁମାର ସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଲଖନପୁର ଜିଏମ୍ ସିଂହ କହିଥିଲେ, କମ୍ପାନୀ ତରଫରୁ ୫ହଜାର ଫଳଗଛ ଲଗାଯାଇଥିବାବେଳେ ୪ହଜାର ଗଛ ଲୋକଙ୍କୁ ଦିଆଯାଇଛି। କମ୍ପାନୀ ତରଫରୁ ଜିଏମ୍ ଅଫିସ, ଲଖନପୁର ଓସିପି, ବେଲପାହାଡ ଓସିଏମ୍ ଓ ଡିଏଭି ସ୍କୁଲ୍ ପରିସରରେ ବୃକ୍ଷରୋପଣ କରାଯାଇଛି।

## ମଡେଲ ଚାଟଶାଳୀରେ ପଢ଼ିବେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ର

ଝାରସୁଗୁଡ଼ା ଅଫିସ,୧୯।୮

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ତିଲିଆ ପଞ୍ଚାୟତର ବରଙ୍ଗାମାଲ ଗ୍ରାମରେ ସଂଗ୍ରାମ ସମିତି ତରଫରୁ ମଡେଲ ଚାଟଶାଳୀ ଉଦ୍‌ଘାଟିତ ହୋଇଛି। ସମିତି ସଭାପତି ଏକାମ୍ବର ଭୋଇ ଉଦ୍‌ଘାଟନ କରିଥିବାବେଳେ କର୍ମକର୍ତ୍ତା ବୈକୁଣ୍ଠ ସିଂ, ଦ୍ୱାରିକା ପ୍ରସାଦ ସା, ମଣି ଗନିକ, ବାସୁଦେବ ଭୋଇ, ସୁମତି ଭୋଇ, ଭଗବତୀ ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କରୋନା କଟକଣା ଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ଫଳରେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ର ପାଠ ପଢାରୁ ବଞ୍ଚିତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ତରଫରୁ ମିଶନ ଚାଟଶାଳୀ ଦ୍ୱାରା ଗ୍ରାମାଞ୍ଚଳର ୫ଲକ୍ଷ ଛାତ୍ରୀଛାତ୍ରଙ୍କୁ ଶିକ୍ଷାସାଥୀ ଚୟନକରି ଶିକ୍ଷାଦାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୧୭ ଜିଲାର ୮୫ ବ୍ଲକ୍‌ରେ ଆରମ୍ଭ ହେବାକୁ ଯାଉଛି । ପୂର୍ବରୁ କଦମ୍ବଡିହି ପଞ୍ଚାୟତର ଗୋବିନ୍ଦପୁରରେ ମିଶନ ଚାଟଶାଳୀ ଉଦ୍‌ଘାଟିତ ହୋଇଛି।

## ପଶ୍ଚିମାଞ୍ଚଳ ଏକତା ମଞ୍ଚ ବୈଠକ

ଝାରସୁଗୁଡ଼ା ଅଫିସ, ୧୯।୮

ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବ୍ରଜରାଜନଗର ରାମଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳର ୧୦ଟି ଜିଲାରେ ସମନ୍ୱିତ ବିକାଶ ପାଇଁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀମାନଙ୍କ ସହ ଆଲୋଚନା ହୋଇଥିଲା। ଶିଳ୍ପ ସଂସ୍ଥାରେ ଭରପୂର ଝାରସୁଗୁଡା ଜିଲାରେ ଯୁବକମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି, ଜିଲାର ପର୍ଯ୍ୟଟନର ବିକାଶ, ଚିକିତ୍ସା କ୍ଷେତ୍ରରେ ରହିଥିବା ଅଭାବ ଅସୁବିଧା ଦୂର ନେଇ ଆଲୋଚନା କରାଯାଇଥିଲା। ଏକତା ମଞ୍ଚ ଝାରସୁଗୁଡ଼ା ଜିଲା ସଂଯୋଜକ ଅଜିତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଞ୍ଚ ଆବାହକ ଭବାନୀଶ ଭୋଇ, ଯୁବ ସଂଯୋଜକ ଦେବାଶିଷ ବେହେରା, ସାଂସ୍କୃତିକ ସଂଯୋଜକ ରାଜେଶ ସ୍ୱାଇଁ, ସମ୍ବଲପୁର ଶାଖା ସଂଯୋଜକ ରାହୁଲ ଗୁପ୍ତା, ଭାରତୀ ସମାଜର ସହ ସଞ୍ଚାଳକ ଅଶୋକ ନାଥ, ସାମାଜିକ କର୍ମୀ ରବି ସୋନି, ମୁକେଶ ପଧାନ ପ୍ରମୁଖ ସାମିଲ ହୋଇଥିଲେ।

## ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

ଖପ୍ରାଖୋଲ, ୧୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ଆବସ ଯୋଜନାରେ ଅନିୟମିତତା ହୋଇଛି। ଏ ନେଇ ଗାଁର ସୁଶୀଲ ପରାଭୁଏ ଖପ୍ରାଖୋଲ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ୨୦୧୨ ମସିହାରେ ତାଙ୍କୁ ଏକ ଆବାସ ଗୃହ ମିଳିଥିଲା। ହେଲେ ତାଙ୍କର ନିଜସ୍ୱ ଜାଗା ନ ଥିବାରୁ ପ୍ରଶାସନ ଗାଁର ଏକ ସରକାରୀ ଜାଗାରେ ଘର ତିଆରି ପାଇଁ କହିଥିଲେ। ହେଲେ ସୁଶୀଲ ସେଠାରେ ଘର କରି କରିବାକୁ ମନା କରିଥିଲେ । ହେଲେ ଏହି ଘରର ପଇସା କେହି ତାଙ୍କ ଅଜାଣତରେ ୩ଟି କିସ୍ତିରେ ୭୫ ହଜାର ଟଙ୍କା ଉଠାଇ ନେଇଥିବା ସେ ଅଭିଯୋଗ କରିଛନ୍ତି। ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ତଦନ୍ତ ପରେ ଘଟଣା ସମ୍ପର୍କରେ ଜଣାପଡିବ ବୋଲି କହିଛନ୍ତି।

## ୧୭ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ



ଠେମରା ଗ୍ରାମରେ ତହସିଲଦାର ପଟ୍ଟା ପ୍ରଦାନ କରୁଛନ୍ତି।

ସମ୍ବଲପୁର,୧୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଠେମରା ଗ୍ରାମରେ ଗୁରୁବାର ରାଜସ୍ୱ ରଥ ପହଞ୍ଚିଛି। ଏହି ଅବସରରେ ଦୀର୍ଘବର୍ଷ ଧରି ରହିଆସୁଥିବା ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ମାନେଶ୍ୱର ତହସିଲଦାର ନିଳାମ୍ବର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ସମେତ ମୋଟ ୧୦ ପରିବାରକୁ ପଟ୍ଟା ପ୍ରଦାନ କରିଥିଲେ। ତହସିଲଦାର ମହାନନ୍ଦ କହିଛନ୍ତି ଯେ, ସମ୍ବଲପୁର ମହାନଗର ନିଗମରେ ଠେମରା ସାମିଲ ହୋଇଛି। ତେଣୁ ପଟ୍ଟା ଦେବାରେ ସାମାନ୍ୟ ସମସ୍ୟା ରହିଥିଲା। ମହାନଗର ନିଗମ ଅଧୀନରେ ଥିବା ରାଣନପୁର ଓ ମାନେଶ୍ୱରରେ ମଧ୍ୟ ପଟ୍ଟା ପ୍ରଦାନ କରାଯାଇ ନାହିଁ। ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ପଟ୍ଟା ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ଯୋଜନାକ୍ରମେ ଆବାଦୀ ବସ୍ତିରେ ବସବାସ କରୁଥିବା ପରିବାରଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବ। ଉପଯୁକ୍ତ ସର୍ଭେ କରାଯାଇ ପଟ୍ଟା ପ୍ରଦାନ କରାଯାଉଛି ବୋଲି ସେ କହିଥିଲେ।

## ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

ଜମନକିରା,୧୯।୮(ଡି.ଏନ.ଏ.)

ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତ ସଭାଗୃହଠାରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ତୃତୀୟ ବୈଠକ ଅନୁଷ୍ଠିତ ହୋଯାଇଛି। ଏହି କମିଟିରେ କୋଭିଡ୍ ଓ ଅଣକୋଭିଡ୍‌ରେ ମାତାପିତା ହରାଇଥିବା ଶିଶୁମାନଙ୍କୁ ଚିହ୍ନଟ କରାଯାଇଛି। ଆଶୀର୍ବାଦ ଯୋଜନାରେ ଡିମିରିମୁଣ୍ଡା ପଞ୍ଚାୟତରୁ ୧୦ଜଣଙ୍କୁ ଚିହ୍ନଟ କରାଯାଇଛି। ପଞ୍ଚାୟତ ଶିଶୁ ସୁରକ୍ଷା କମିଟି ଅଧକ୍ଷ ଓ ସଦସ୍ୟଙ୍କ ଦ୍ୱାରା ଶିଶୁର ସେବା, ଯତ୍ନ, ସୁରକ୍ଷା ଓ ଥଇଥାନ ପାଇଁ ଅନୁମୋଦନ କରାଯାଇ ବ୍ଲକ ସ୍ତରୀୟ କମିଟିକୁ ପଠାଇବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଡିମିରିମୁଣ୍ଡା ସରପଞ୍ଚ ରୁକ୍ମିଣୀ କିଷାନ ବୈଠକରେ ଅଧକ୍ଷତା କରିଥିବା ବେଳେ ଅଙ୍ଗନୱାଡି କ୍ଷେତ୍ର ପରିଦର୍ଶିକା ମିନା ନାୟକ ପରିଚାଳନା କରିଥିଲେ। ସେହିପରି ଭୋଜପୁର ସରପଞ୍ଚ ଟିକେଶ୍ୱର ପାତ୍ରଙ୍କ ଅଧକ୍ଷତାରେ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ବୈଠକରେ କ୍ଷେତ୍ର ପରିଦର୍ଶିକା ପୁଷ୍ପାମଞ୍ଜରୀ ନାୟକ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ନଳିନୀ ବନଛୁର, ଅଙ୍ଗନୱାଡି କର୍ମୀ ମନୋରମା ମହାକୁଳ ଉପସ୍ଥିତ ଥିଲେ। ଏଠାରେ ୭ ଶିଶୁଙ୍କୁ ଚିହ୍ନଟ କରାଯାଇ ଅନୁମୋଦନ ପାଇଁ ବ୍ଲକ କମିଟିକୁ ପଠାଯାଇଛି।



ବୈଠକରେ ଅତିଥିଙ୍କ ସହ ଅନ୍ୟମାନେ।

## ରେଲୱେ ଇନ୍‌ଷ୍ଟିଚ୍ୟୁଟରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୯।୮ (ବ୍ୟୁରୋ)

ନୂତନ ଭାବେ ନିଯୁକ୍ତି ପାଇଥିବା ସହାୟକ ଲୋକପାଇଲଟ୍‌ଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ସମ୍ବଲପୁର ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟକୋଷ୍ଟ ରେଲୱେ ସମ୍ବଲପୁର ମଣ୍ଡଳ ଅଲ୍ ଇଣ୍ଡିଆ ଲୋକ ରନିଂ ଷ୍ଟାଫ୍ ଆସୋସିଏଶନ ଆୟୋଜିତ କାର୍ଯ୍ୟକ୍ରମରେ ସୁକାନ୍ତ ସୁନା ସ୍ୱାଗତ ଭାଷଣ ଦେଇଥିଲେ। ଜୋନାଲ ସମ୍ପାଦକ ଏସ୍.କେ. ଚୋବେ, ପ୍ରଭାସ କୁମାର, ସହ ସାଧାରଣ ସମ୍ପାଦକ ବି.କେ. ସାହୁ, ଏଆଇଜିଏସ୍ ତାପସ ଛତ୍ରିଆ, ମଣ୍ଡଳ ସମ୍ପାଦକ ବୁନ ସାହୁ ଓ ଏନ୍.କେ. ବେହେରା, ଶାଖା ସଭାପତି ଏସ ବରାଡ ଅତିଥି ଭାବେ ଯୋଗଦେଇଥିଲେ। ସହାୟକ ଲୋକପାଇଲଟ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଅଭିଯୋଗ ପାଇଁ ସଙ୍କୋଚ କରୁଛନ୍ତି ପରିବାର

### ଶିଶୁ ସୁରକ୍ଷା କର୍ମଶାଳା

ସମ୍ବଲପୁର,୧୯।୮(ବ୍ୟୁରୋ)

ଶିଶୁମାନଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥାଏ। ନାବାଳିକାଙ୍କୁ ବଳାତ୍କାର ଭଳି ଘଟଣା ଘଟୁଛି। ନିର୍ଯାତନା ସତ୍ତ୍ୱେ ଜଣେ ପୀଡିତା ପୋଲିସ ପାଖରେ ଅଭିଯୋଗ କରିବାକୁ ସଙ୍କୋଚ ମନେ କରନ୍ତି ବୋଲି ରୋଟାରି କ୍ଲବ ପରିସରରେ ଶିଶୁ ସୁରକ୍ଷା ଉପରେ ଅନୁଷ୍ଠିତ କର୍ମଶାଳାରେ ମତ ପ୍ରକାଶ ପାଇଛି। ୱାରଲ୍ଡ ଭିଜନ, ପିକକ୍ ଭୁବନେଶ୍ୱର, ଜର୍ମାନୀର ବିଏମ୍ ୨ ଓ ଆଦର୍ଶନ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ପ୍ରଫେସର ପ୍ରୟାସ ଡନସେନା, ଶିଶୁ କଲ୍ୟାଣ ସମିତି ସଭ୍ୟା ପୁଷ୍ପାରାଣୀ ମହାପାତ୍ର, ଡ. ଝରଣା ମିଶ୍ର, ବ୍ରଜେନ୍ଦ୍ର ପଣ୍ଡା ପ୍ରଶିକ୍ଷଣ ଦେଇଥିଲେ। ଜୁଭେନାଇଲ ଜଷ୍ଟିସ ଆକ୍ଟ କିଭଳି ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ପୋଲିସର ଭୂମିକା, ଶିଶୁ କେନ୍ଦ୍ରିକ ଥାନା ପାଇଁ ଏସ୍‌ଓପି, ଗାଇଡ୍‌ଲାଇନ, ଶିଶୁ ଯୌନ ନିର୍ଯାତନା ମାମଲାର ତଦନ୍ତ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା। ଅନେକ ସମୟରେ ପୋଲିସ ପାଖରେ ଅଭିଯୋଗ କରିବାକୁ ପୀଡିତା ପରିବାର ସଙ୍କୋଚ ମନେ କରନ୍ତି। ତେଣୁ ଏ ଦିଗରେ ଦୃଷ୍ଟି ଦେବାକୁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାରିଆନ ବିଲୁଙ୍ଗ, ବିଶ୍ୱ ମୋହନ ଜେନା, ଶିକ୍ଷାବିତ୍ ରଜେନ୍ଦ୍ର ପଣ୍ଡା, ୱାରଲଡ ଭିଜନର ସୁବ୍ରତ କ୍ଷତ୍ରୀୟ ଉପସ୍ଥିତ ଥିଲେ। ଆଦର୍ଶ ଅନୁଷ୍ଠାନ ସମ୍ପାଦକ ପ୍ରଦୀପ ବେହେରା ପରିଚାଳନା କରିଥିବା ବେଳେ ନରେଶ ପ୍ରଧାନ, କୃଷ୍ଣ ପଣ୍ଡିଆ, ଉମାକାନ୍ତ ଜେନା, ରଜତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

**ଜାଗା ପାଇଁ ତହସିଲଦାରଙ୍କୁ ଦାବିପତ୍ର**

ଗୋଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ କାର୍ଯ୍ୟରତ ଖବରଦାତା ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଲାମୁଣ୍ଡା ତହସିଲଦାର ସର୍ବେଶ୍ୱର ଜାଲଙ୍କୁ ସଦର ମହକୁମାଠାରେ ଏକ ସ୍ୱତନ୍ତ୍ର ସାମ୍ବାଦିକ ଭବନ ନିର୍ମାଣ ନିମନ୍ତେ ୧୦ ଡେସିମିଲ ଜାଗା ଚିହ୍ନଟ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖବରଦାତା ଆଶୁତୋଷ ରାଉତ, ବଟକୃଷ୍ଣ ପଣ୍ଡା, ବିନ୍ଦୁ ମହାନନ୍ଦ, ରମେଶ ଅଗ୍ରୱାଲ, ନଉକେଶ୍ୱର ପଟେଲଙ୍କ ସମେତ ଚିତରଞ୍ଜନ ବାଗ, ସୋମ୍ୟରଞ୍ଜନ ଅଗସ୍ତି ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଜୁନାଗଡ଼୧୯।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହର ଚମଡାବନ୍ଧପଡାର ସତ୍ୟ ନାଗ (୨୫) ନାମକ ଜଣେ ଯୁବକ ବୁଧବାର ବିଳମ୍ବିତ ରାତିରେ ବେକରେ ଶାଢ଼ୀ ଦେଇ ଆତ୍ମହତ୍ୟ କରିଛନ୍ତି। ଗୁରୁବାର ସକାଳୁ ଯୁବକଙ୍କ ବାପା ଘଟଣା ସମ୍ପର୍କରେ ଜୁନାଗଡ ଥାନାକୁ ଜଣାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ଚାଷୀ ସଂଗଠନ ବୈଠକ

**ଖପ୍ରାଖୋଲ,୧୯।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ଜଗନ୍ନାଥ ମନ୍ଦିର ପରିସରରେ ସନ୍ତୋଷ ସିଂନ୍‌ଦେଓଙ୍କ ଅଧ୍ୟକ୍ଷତାରେ ଚାଷୀ ସଂଗଠନର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୫ଟି ପଞ୍ଚାୟତର ଚାଷୀ ଯୋଗଦେଇଥିଲେ । ଏହି ଅବସରରେ ଧାନର ଅଭାବି ବିକ୍ରି, ସାର ଏବଂ କୀଟନାଶକର ଅଭାବ ଉପରେ ଆଲୋଚନା ହୋଇଥିଲା । ପୂର୍ବତନ କୃଷି ଅଧିକାରୀ ଧନେଶ୍ୱର ନାଗ, ବାବାଜୀ ମେହେର, କନ୍ଦର୍ପ ସୁଆର, ସୁଶିଲ ଗୁରୁ, ସୁନାରାମ ପୁଟେଲ, ସୀମାଞ୍ଚଳ ପୁରୋହିତ ଉପସ୍ଥିତ ଥିଲେ ।

### ଗାଡ଼ି ଧକ୍କାରେ ବୃଦ୍ଧା ମୃତ

**ନୂଆପଡ଼ା ଅଫିସ,୧୯।୮:** ନୂଆପଡ଼ା ଜିଲା କୋମନା ବ୍ଲକ ଜଡାମୁଣ୍ଡା ନିକଟ ଗନିଆରି ଛକଠାରେ ବୁଧବାର ରାତି ପ୍ରାୟ ୯ଟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ତାଙ୍କର ଏଯାଏ ପରିଚୟ ଜଣାପଡ଼ିନାହିଁ। ସୂଚନା ଯେ, ବୃଦ୍ଧା ଜଣକ ରାତି ୯ଟାରେ ୩୫୩ ନମ୍ବର ଜାତୀୟ ରାଜପଥରେ ଉଦ୍ୟାନବନ୍ଧ ପଟକୁ ଯାଉଥିଲେ। ଏହି ସମୟରେ ନିଛାଟିଆ ଗନିଆରି ଛକଠାରେ ଅଜଣା ଗାଡି ଧକ୍କାଦେଇ ଚାଲି ଯାଇଥିଲା। କିଛି ସମୟ ପରେ ସେହି ରାସ୍ତା ଦେଇ ହେମନ୍ତ କର ଓ ଅର୍ଜ୍ଜୁନ ଜଗତ ଆସୁଥିବା ବେଳେ ବୃଦ୍ଧା ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ତରବୋଡ ଓ କୋମନା ପୋଲିସକୁ ଖବର ଦେଇଥିଲେ। ତରବୋଡ ଓ କୋମନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କୋମନା ଅଗ୍ନିଶମ ବିଭାଗ ସହାୟତାରେ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ଗଞ୍ଜେଇ ଜବତ: ୩ ଗିରଫ

**ବୌଦ୍ଧ,୧୯।୮(ସ୍ୱ.ପ୍ର.):** ଗୁରୁବାର ବୌଦ୍ଧ ଅବକାରୀ ବିଭାଗ ଚଢାଉ କରି ୨୧ କିଲୋ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଚୋରା ଚାଲାଣରେ ବ୍ୟବହୃତ ସ୍କର୍ପିଓ ଜବତ ହୋଇଛି । ସ୍କର୍ପିଓ ( ଓଡି-୦୨ଏସ -୫୫୮୮ ) ଫୁଲବାଣୀ ପଟୁ ବୌଦ୍ଧକୁ ଗଞ୍ଜେଇ ନେଇ ଆସୁଥିବା ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ଚାରିଛକ -ଫୁଲବାଣୀ ରାସ୍ତାର ଝାଡରାଜିଙ୍ଗଠାରେ ଜଗି ରହିଥିଲେ। ଉକ୍ତ ଗାଡିକୁ ଅଟକାଇ ତଲାସୀ କରିବାରେ ୨୧ କିଲୋ ଗଞ୍ଜେଇ ବାହାରିଥିଲା । ଏହି ଘଟଣାରେ ଗାଡିରେ ଥିବା ବୌଦ୍ଧ ଜିଲା କୁଇଲିସୁତାର ଚନ୍ଦନ ବେହେରା, କମିରା ଗ୍ରାମର ବିରେନ୍ଦ୍ର ପ୍ରଧାନ ଓ ବାଗବରର ଲବଣୀ ସେଠୀ(୨୮)ଙ୍କୁ ଗିରଫ କରାଯାଇଛି। ଚଢାଉରେ ଇନ୍ସପେକ୍ଟର ସାଗରିକା ପ୍ରଧାନ, ସବଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି , ଏଏସଆଇ ରୂପେଶ ମୁଖି ସାମିଲ ଥିଲେ ।

### ୨ ଭଗବତ୍ ପ୍ରେମୀଙ୍କ ପରଲୋକ

**ଅତାବିରା,୧୯।୮(ଡି.ଏନ.ଏ):** ଅତାବିରା ବ୍ଲକ ପୋଡବାଡି ଓ ତଲିଟାମ୍ପରସରାର ଗ୍ରାମରେ ଗୁରୁବାର ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୋଡବାଡି ଗ୍ରାମର ପରଦେଶୀ ମହାକୁର (୫୦) ଓ ତଳିଟାମ୍ପରସରା ଗ୍ରାମର ଜୟକୃଷ୍ଣ କର (୬୨)। ପରଦେଶୀ ଜଣେ ଭଗବତ୍ ପ୍ରେମୀ ଥିଲେ। ସେ ଭାଗବତ ଗୀତା ଉପରେ ଅଞ୍ଚଳର ଲୋକଙ୍କୁ ସଚେତନ କରୁଥିଲେ। ସେହିପରି ଜୟକୃଷ୍ଣ ଜଣେ ଅବସରପ୍ରାପ୍ତ ଶିକ୍ଷକ। ସେ ମଧ ଜଣେ ଭଗବତ୍ ପ୍ରେମୀଥିଲେ।

### ଲୁଟ୍ ଘଟଣା: ୪ ଗିରଫ

**ବଲାଙ୍ଗୀର ଅଫିସ,୧୯।୮:** ୨୦୦୯ ମସିହାରେ ସଂଘଟିତ ହାଇୱେ ଲୁଟ୍ ଘଟଣାର ୪ ଅଭିଯୁକ୍ତଙ୍କୁ ବଲାଙ୍ଗୀର ସଦର ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ୨୬ ନମ୍ବର ଜାତୀୟ ରାଜପଥରେ ଗାଡି ଅଟକାଇ ଡକାୟତି କରିଥିବା ନେଇ ଏହି ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଘଟଣା ଦିନଠାରୁ ଅଭିଯୁକ୍ତମାନେ ଫେରାର ଥିଲେ। ପୋଲିସର ସ୍ୱତନ୍ତ୍ର ଅଭିଯାନ ପରେ ଅଭିଯୁକ୍ତମାନେ ଧରା ପଡିଛନ୍ତି। ଗିରଫ ଅଭିଯୁକ୍ତ ସ୍ଥାନୀୟ ମାଧିଆପାଲିର।

# ଗନ୍ଧମାର୍ଦ୍ଦନ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍/ପାଇକମାଲ,୧୯।୮**



ଗନ୍ଧମାର୍ଦ୍ଦନ ଯୁବ ପରିଷଦର ସ୍ଥାପନା ଦିବସରେ ମଶାଲ ଶୋଭାଯାତ୍ରା।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ନୃସିଂହନାଥ ସ୍ଥିତ ଭାଗବତତତ୍ତ୍ୱ ଆଶ୍ରମରେ ଗୁରୁବାର ଗନ୍ଧମାର୍ଦ୍ଦନ ଯୁବ ପରିଷଦର ୩୭ତମ ସ୍ଥାପନା ଦିବସ ପାଳିତ ହୋଇଛି । ପରିଷଦର ଆବାହକ ଦିଲୀପ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ପୂର୍ବତନ ଆବାହକ ଧିରେନ ମହାନ୍ତି ସଂଯୋଜନା କରିଥିଲେ। ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା । ନୃସିଂହନାଥ ସ୍ଥିତ ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା ସହିତ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ବରିଷ୍ଠ ନାରୀନେତ୍ରୀ ଘନସୀ ତାଣ୍ଡି, ଉର୍ମିଳା ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରମୋଦ ରାୟ ପ୍ରମୁଖ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ପରେ ଭାଗବତତତ୍ତ୍ୱ ଆଶ୍ରମରେ ଏକ ସଭା ହୋଇଥିଲା । ସଭାରେ ପୂର୍ବତନ ଆବାହକ ରଘୁବୀର ସିଂ ବରିହା, ଭୀଷ୍ମଦେବ ପଟେଲ, ରାହାସ ବିହାରୀ ସାହୁ, ସୁରେଶ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରମୋଦ ରାୟ, ନାରୀନେତ୍ରୀ ଉମା ଜୁଆଡ଼ି, ହେମକାନ୍ତୀ ସାହୁ, ଜଗଦୀଶ ଲୁହାର, ଗହଳ ମହାନନ୍ଦ, ଗୌରଚନ୍ଦ୍ର ବାରିକ, ବିଶିକେଶନ ସାହୁ ପ୍ରମୁଖ ଯୋଗଦେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ମତ ରଖିଥିଲେ। ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ସହିତ ନୃସିଂହନାଥ ଏବଂ ହରିଶଙ୍କର ମନ୍ଦିରର ବିକାଶ, ଗନ୍ଧମାର୍ଦ୍ଦନ ବନୌଷଧି ଏବଂ ଲଘୁ ବନଜାତ ଦ୍ରବ୍ୟକୁ ନେଇ କୁଟୀର ଶିଳ୍ପ କରାଯିବା, ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ଗନ୍ଧମାର୍ଦ୍ଦନ ପର୍ବତକୁ ଇକୋ ସେନ୍ସିଟିଭ ଜୋନ୍ ଘୋଷଣା କରିବା, ବୌଦ୍ଧ ପୀଠ ଓ ପଣ୍ଡାଘରର ସୁରକ୍ଷା, ମରୁଡ଼ିର ସ୍ଥାୟୀ ପ୍ରତିକାର ଆଦି ଦାବି ହୋଇଥିଲା । ଆଶାକର୍ମୀ ଗୀତାଞ୍ଜଳି ଠାକୁର, ରକ୍ତଦାତା ଜ୍ୟୋତିର୍ମୟ ସାହୁ, ପୂର୍ବତନ ସରପଞ୍ଚ ପ୍ରମୋଦ ରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟାଳୟ ସମ୍ପାଦକ ଦୁର୍ଯ୍ୟୋଧନ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂଗଠନ ଇତିହାସର ଅବତାରଣା

**ଖପ୍ରାଖୋଲ, ୧୯।୮(ଡି.ଏନ.ଏ.)**

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୩୭ତମ ପ୍ରତିଷ୍ଠା ଦିବସ ହରିଶଙ୍କର ଶାଖା ତରଫରୁ ଖପ୍ରାଖୋଲ ବ୍ଲକ ହରିଶଙ୍କର ମନ୍ଦିର ନିକଟରେ ଗୁରୁବାର ପାଳିତ ହୋଇଯାଇଛି । ଯୁବ ପରିଷଦ ଯୁଗ୍ମ ଆବାହକ ଗୁପ୍ତେଶ୍ୱର କୁଅଁରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୮୦ ଦଶକରେ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ବାଲକୋ ବିରୋଧରେ ଏହି ସଂଗଠନ ଆରମ୍ଭ ହୋଇଥିଲା। ସଂଗଠନର ଇତିହାସ ଅବତାରଣା ସହ ଆଗାମୀ ଦିନରେ ଛାତ୍ର ଏବଂ ଯୁବକମାନଙ୍କୁ କିଭଳି ଆନ୍ଦୋଳନ ସମ୍ପର୍କରେ ଅବଗତ କରାଯାଇ ପାରିବ ସେ ନେଇ ପ୍ରସ୍ତାବ ହୋଇଥିଲା। ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଶିଲ ଗୁରୁ, ଶତ୍ରୁଘ୍ନ ନାଏକ, ଶଶି ପୂଝାରୀ, ଅଭୟ ତ୍ରିପାଠୀ, ଜ୍ୟୋତିରଞ୍ଜନ ପଣ୍ଡା, ଉମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଧୁମାମରା ଡବଲ ମର୍ଡର ଘଟଣା: ୩ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର ଅଫିସ,୧୯।୮**

**ପାରୋଲରେ ଆସି ଫେରାର ଥିଲେ ଜଣେ ଅଭିଯୁକ୍ତ**

୨୦୧୫ ଫେବୃୟାରୀରେ ବଲାଙ୍ଗୀର ସହର ଉପକଣ୍ଠ ଧୁମାମରାଠାରେ ସଂଘଟିତ ଡବଲ ମର୍ଡର ଘଟଣାର ତିନି ଅଭିଯୁକ୍ତଙ୍କୁ ବଲାଙ୍ଗୀର ସଦର ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଡାନିଏଲ କୁମ୍ଭାର, ଫ୍ରାନ୍‌ସିସ୍ ଓରଫ୍ ନିରଞ୍ଜନ କୁମ୍ଭାର ଏବଂ ସୁରଞ୍ଜନ କୁମ୍ଭାର । ଅଭିଯୁକ୍ତଙ୍କ ମଧ୍ୟରୁ ଡାନିଏଲ କୁମ୍ଭାର ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିଲେ । ତେବେ ୨୦୧୭ ରେ ସେ ପାରୋଲରେ ଆସି ଫେରାର ହୋଇଯାଇଥିଲେ । ଏହା ସହିତ ହତ୍ୟା ଘଟଣା ଦିନଠାରୁ ଅର୍ଥାତ୍ ଫେବୃୟାରୀ ୨୦୧୫ ମସିହାରୁ ଅଭିଯୁକ୍ତ ଫ୍ରାନ୍‌ସିସ୍ ଏବଂ ସୁରଞ୍ଜନ ଫେରାର ଥିଲେ । ଏହି ଦୁଇଜଣଙ୍କ ମଧ ସଦର ପୋଲିସ ଗିରଫ କରିଛି । ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଏହି ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୨୦୧୫ ଫେବୃୟାରୀ ମାସରେ ଧୁମାମରାଠାରେ ସୁରେଶ ସାହୁ ଓ ଲିଫାନ୍ ନାଗଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା । ଘଟଣାସ୍ଥଳରେ ସୁରେଶଙ୍କର ଓ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଲିଫାନ୍‌ଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ଘଟଣାରେ ପୋଲିସ ୬ ଜଣକୁ ଗିରଫ କରିଥିଲା । ବଲାଙ୍ଗୀର ପୋଲିସ ପକ୍ଷରୁ ୱାରେଣ୍ଟି ଏବଂ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବା ପରେ ଏହି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବଲାଙ୍ଗୀର ଆଡିସନାଲ ଏସ୍‌ପି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ତମାଖୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼ାଉ


ସୋନପୁରରେ ତମାଖୁ ବିକ୍ରି କରୁଥିବା ଦୋକାନ ଉପରେ ଚଢ଼ାଉ କରାଯାଉଛି ।

**ସୋନପୁର,୧୯।୮(ନି.ପ୍ର.)**

ତମାଖୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ସୋନପୁର ସହରର ବିଭିନ୍ନ ଦୋକାନରେ ଗୁରୁବାର ଚଢ଼ାଉ କରାଯାଇଛି । ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ, ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ କରାଯାଇଥିଲା । ପାନ, ଚା ଓ ଜଳଖିଆ ଦୋକାନଗୁଡିକରେ ଖୁଲମଖୋଲା ତମାଖୁ ବିକ୍ରି ହେଉଥିବା ନଜରକୁ ଆସିଥିଲା । ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟର ୧୦୦ ମିଟର ଦୂରତାରେ ତମାଖୁ ବିକ୍ରି ନିଷେଧ ଥିବା ବେଳେ ଦୋକାନୀ ଓ ଭେଣ୍ଡରମାନେ ଏହାକୁ ଉଲ୍ଲଘଂନ କରୁଥିବା ଦେଖିବାକୁ ମିଳିଥିଲା। ତେବେ ତମାଖୁ ବିକ୍ରି କରୁଥିବା ଭେଣ୍ଡର ଓ ଦୋକାନୀଙ୍କୁ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ କେବଳ ତାଗିଦ୍ କରା ଯାଇଥିଲା । ଭବିଷ୍ୟତରେ ଏଭଳି ବେଆଇନ କାର୍ଯ୍ୟ କଲେ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ସ୍କ୍ୱାଡ୍‌ରେ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାୟକ, ଅବକାରୀ ଏସଆଇ ସୁଧୀର କୁମାର ମିଶ୍ର, ସୋନପୁର ଥାନା କର୍ମଚାରୀ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ନାରାୟଣ ରଥ ଓ ଶ୍ରୀବନ୍ତ ଖଣ୍ଡଗିରି ପ୍ରମୁଖ ସାମିଲ ଥିଲେ ।

## ବୀମା ରାଶି ପ୍ରଦାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ନୂଆପଡ଼ା ଅଫିସ,୧୯।୮**


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଖାସବାହାଲ ପଞ୍ଚାୟତ ଚାଷୀବୃନ୍ଦ ।

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତରେ ବର୍ଷା ପାଣି ଅଭାବ ଯୋଗୁ ପ୍ରତିବର୍ଷ ମରୁଡି ଲାଗି ରହିଥିବାରୁ ଏହି ପଞ୍ଚାୟତ ମରୁଡି ଚିରପ୍ରପିଡିତ ଅଞ୍ଚଳ ଭାବେ ପରିଚିତ। ଖାସବାହାଲ ପଞ୍ଚାୟତ ଚାଷୀମାନେ ପ୍ରତିବର୍ଷ ବୀମା ଟଙ୍କା ପୈଠ କରୁଥିଲେ ମଧ୍ୟ କମ୍ପାନୀ ବୀମା ଟଙ୍କା ଦେବାରେ ଟାଳଟୁଳ କରୁଛି। ଗୁରୁବାର ତୁରନ୍ତ ବୀମା ରାଶି ପ୍ରଦାନ ପାଇଁ ଜିଲାପାଳ ସ୍ୱାଧାଦେବ ସିଂଙ୍କୁଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ଖରିଫ ଋତୁ ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁ ପାଚିଲା ଧାନ ଗଜା ହୋଇ କ୍ଷତି ହୋଇଥିବା ବେଳେ ବନ୍ୟଜନ୍ତୁ ମଧ୍ୟ ଫସଲ ନଷ୍ଟ କରିଥିବା ଅଭିଯୋଗ କରିଥିଲେ । ୨୦୨୦ ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନେ ବୀମା ଟଙ୍କା ପୈଠ କରିଥିଲେ। ନିୟମ ମୁତାବକ ଫସଲ କ୍ଷତି ହୋଇଥିବାରୁ ବୀମା ରାଶି ପାଇବା ଯୋଗ୍ୟ ବୋଲି ଚାଷୀମାନେ ଦାବି କରିଛନ୍ତି। ଖାସବାହାଲ ପଞ୍ଚାୟତ ବୀମାଭୁକ୍ତ ହୋଇଥିଲେ ମଧ୍ୟ କମ୍ପାନୀ ଜିଲା ସଂଯୋଜକ ମନା କରିବାରୁ ଜିଲାପାଳ ଏହି ବୀମାକୁ ସ୍ଥଗିତ କରିଛନ୍ତି। ଖାସବାହାଲ ପଞ୍ଚାୟତକୁ ଲାଗି ବଲାଙ୍ଗୀର ଜିଲା ଜାମଖୁଣ୍ଟା ପଞ୍ଚାୟତ ୨୦୨୦ରେ ବୀମାଭୁକ୍ତ ହୋଇ ହେକ୍ଟର ପିଛା ୨୬ ହଜାର ୮ ଶହ ଟଙ୍କା ପାଇ ସାରିଥିବା ବେଳେ ଖାସବାହାଲ ପଞ୍ଚାୟତକୁ ଏଯାଏ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ପଡୋଶୀ ଜିଲାର ପଞ୍ଚାୟତ ଚାଷୀ ବୀମା ଟଙ୍କା ପାଇ ଥିବାବେଳେ ଆମକୁ କାହିଁକି ଦିଆଯାଉ ନାହିଁ ବୋଲି ଜିଲାପାଳଙ୍କଠାରେ ସେମାନେ ଦାବି କରିଛନ୍ତି । ଆଗାମୀ ୧୫ ଦିନ ମଧ୍ୟରେ ବୀମା ରାଶି ନ ମିଳିଲେ ଆସନ୍ତା ମାସ ୬ ତାରିଖରେ ଭବାନୀପାଟଣା– ଖଡିଆଳ ରାସ୍ତା ଅବରୋଧ କରାଯିବ ବୋଲି ସରପଞ୍ଚ ଜମୁନା ବାଗ, ପ୍ରେମଲାଲ ବାଗ, ଧରଣୀଧର ବେହାରା ପ୍ରମୁଖ ଚାଷୀମାନେ ଚେତାବନୀ ଦେଇଛନ୍ତି ।

## ବ୍ଲକର ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲାପାଳ

**ଗୋଲାମୁଣ୍ଡା,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲାପାଳ ଡ. ଗାଭଲି ପରାଗ ହର୍ସଦ ବୁଧବାର ଦିନିକିଆ ଗୋଲାମୁଣ୍ଡା ଗସ୍ତ କରିଥିଲେ। ପ୍ରଥମେ ଗୋଲାମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ ଯାଇ ବିଦ୍ୟାଳୟ ସେଠାରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ। ରାଜ୍ୟ ସରକାର ଉକ୍ତ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ କରିବାକୁ ଘୋଷଣା କରିଥିବାରୁ ବିଦ୍ୟାଳୟ ମଧ୍ୟରେ ଥିବା ଶ୍ରେଣୀ ଗୃହକୁ ଅତ୍ୟାଧୁନିକ ରୂପ ଦିଆଯାଉଥିବା ବେଳେ ବିଦ୍ୟାଳୟ ଶ୍ରେଣୀ ଗୃହ ସବୁ ବୁଲି ଦେଖିଥିଲେ। ସାନଚେରଗାଁଠାରେ ଥିବା କୃଷ୍ଣ ନାଗଙ୍କ ବଗିଚାକୁ ଯାଇ ତାଙ୍କ ଚାଷ କାର୍ଯ୍ୟ ଦେଖିଥିଲେ। ତାଙ୍କ ବଗିଚାରେ ଚାଷ ହୋଇଥିବା ଲଙ୍କା, କଦଳୀ, କଲରା ସବୁ ବୁଲି ଦେଖିଥିବା ବେଳେ ମତ୍ସ୍ୟ ଓ କୁକୁଡା ଚାଷକୁ ମଧ ବୁଲି ଦେଖିଥିଲେ । ଆଗାମୀ ଦିନରେ ଉକ୍ତ ବଗିଚା ପାଇଁ ସରକାରୀସ୍ତରରେ ଯଥା ସମ୍ଭବ ସାହାଯ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ। ଫରଙ୍ଗ ଉଚ୍ଚ ବିଦ୍ୟାଳୟ ରାଜ୍ୟ ସରକାର ସ୍ମାର୍ଟ ସ୍କୁଲ କରିବାକୁ ଘୋଷଣା କରିଥିବା ବେଳେ ଉକ୍ତ ବିଦ୍ୟାଳୟକୁ ଯାଇ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ବେଳେ ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ, ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ, କନିଷ୍ଠ ଯନ୍ତ୍ରୀ କରୁଣାକର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ଜନତା ଦଳର ଜୋନ୍‌ସ୍ତରୀୟ ବୈଠକ

**ମଦନପୁର,୧୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ନର୍ଲା ନିର୍ବାଚନ ମଣ୍ଡଳୀର ଜୋନସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୁପିନ୍ଦର ସିଂ, ରାଜ୍ୟ ସମ୍ପାଦକ ପୁଷ୍ପେନ୍ଦ୍ର ସିଂଦେ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସଭାପତି ଗୋବିନ୍ଦ ସତପଥୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ନେତୃବୃନ୍ଦ ଦଳକୁ ସୁଦୃଢ କରିବା ପାଇଁ ମତ ଦେଇଥିଲେ। ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ଦଳ ଶୃଙ୍ଖଳାର ସହିତ ନିର୍ବାଚନ ଲଢିବା ପାଇଁ ସମସ୍ତ କର୍ମୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ମ.ରାମପୁର ଅଞ୍ଚଳର ବିଜେଡି କର୍ମୀମାନେ ଯୋଗଦାନ କରିଥିଲେ।

## ଜିଲା ପରିଷଦ ଅଧକ୍ଷାଙ୍କ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ

**ଖଡିଆଳ,୧୯।୮(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି ଜିଲା ପରିଷଦ ଅଧକ୍ଷା ନମିତା ପ୍ରଧାନ ଓ ଉପାଧକ୍ଷ ଭାନୁପ୍ରତାପ ସିଂ ମାଝି। ପ୍ରଥମେ ସେମାନେ ଖଡିଆଳ ରାଜା ଏଟି ହାଇସ୍କୁଲର ସ୍ମାର୍ଟ ଗୃହ, ପରେ ବଡଦୋହେଲ ଗ୍ରାମପଞ୍ଚାୟତ ଗୃହ, ରିଷିଗାଁ ପଞ୍ଚାୟତ ମିଶନ ଶକ୍ତି ଗୃହ, ମଡେଲ ଟେଙ୍କ, ପଞ୍ଚାୟତ ଅଫିସ ଗୃହ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଖଡିଆଳ ବିଡିଓ ନାରାୟଣ ସାହୁ, ସହକାରୀ ଯନ୍ତ୍ରୀ ଅନନ୍ତ ନାଏକ, ସରପଞ୍ଚ ମାଲ୍ୟବନ୍ତ ସୁନା, ପିଇଓ ନାମିତ ସାହୁ, ଜିଲା ପରିଷଦ ସଦସ୍ୟ ସନ୍ତୋଷିନୀ ସଲମା, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମିଶ୍ର ଉପସ୍ଥିତ ଥିଲେ ।

# ସମୟ ଚକ୍ରରେ ବଦଳୁଛି ଫଟୋଗ୍ରାଫି

**ବରଗଡ଼ ଅଫିସ୍/ପାଇକମାଲ/ ବୌଦ୍ଧ,(ଡି.ଏନ.ଏ/ସ୍ୱ.ପ୍ର.)୧୯।୮**


ବିଶ୍ୱ ଫଟୋଗ୍ରାଫି ଦିବସରେ ସମ୍ବର୍ଦ୍ଧିତ ଫଟୋଗ୍ରାଫରବୃନ୍ଦ ।

ଫଟୋଗ୍ରାଫି ଆଗରୁ ଥିଲା, ଆଜି ଅଛି ଏବଂ ଆଗକୁ ମଧ୍ୟ ରହିବ। କିନ୍ତୁ ଆଗକାଳର ଫଟୋଗ୍ରାଫି ଆଉ ନାହିଁ। ସମୟଚକ୍ରରେ ଫଟୋଗ୍ରାଫି ମଧ୍ୟ ବଦଳି ଯାଇଛି । ଆଜିକାର ଡିଜିଟାଲ ଯୁଗରେ ଆଗକାଳର ଫଟୋଗ୍ରାଫି ଆଉ ଦେଖିବାକୁ ମିଳୁନାହିଁ। ଯୁଗ ସହିତ ତାଳ ଦେଇ ବର୍ତ୍ତମାନର ଫଟୋଗ୍ରାଫର ମାନଙ୍କୁ ଆଗକୁ ବଢ଼ିବାକୁ ହେବ। ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ବିଶ୍ୱ ଫଟୋଗ୍ରାଫି ଦିବସରେ ଏହପ୍ର ମତପ୍ରକାଶ ପାଇଛି। ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବିରେନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଘର ବରିଷ୍ଠ ସଦସ୍ୟ ଉମେଶ ବିଶ୍ୱାଳ ସଂଯୋଜନା କରିଥିଲେ । ଏହି ଅବସରରେ ଜିଲାର ୬ଜଣ ପ୍ରତିଷ୍ଠିତ ଫଟୋଗ୍ରାଫର ବରଗଡ଼ର ତ୍ରିନାଥ ପତି, ଭୋଗିଲାଲ ସାହୁ, ନରେଶ ଚାୱାଡ଼ା, ପଦ୍ମପୁରର ଯଶୋବନ୍ତ ନାରାୟଣ ସିଂହ, ଅତାବିରାର ମହମ୍ମଦ ହୁସେନ ଏବଂ ବରପାଲିର ବିବେକାନନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲା ତଥା ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ ଭିଡ଼ିଓ, ଫଟୋ ଉତ୍ତୋଳନ କରିଥିବା ବରଗଡ଼ର ୟୁଟ୍ୟୁବର ତଥା ଫଟୋଗ୍ରାଫର ସିମିତ ମିଶ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାସହିତ ବରଗଡ଼ରେ କାର୍ଯ୍ୟରତ ପ୍ରେସ୍ କ୍ୟାମେରାମ୍ୟାନ ସୁଦାମ ଭୋଇ, ମଣ୍ଟୁ କୁମାର ସାହୁ, ତରଣୀ ପଟେଲ, କ୍ରୀଷ୍ଣା ଅର୍ଜୁନ ମାଝୀ ଏବଂ ପ୍ରଦୀପ ପାଢ଼ୀଙ୍କୁ ମଧ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ଯୁଗ୍ମ ସମ୍ପାଦକ ପ୍ରବୀଣ କୁମାର ସାହୁ ସ୍ୱାଗତ ଭାଷଣ ଓ ଅଞ୍ଜନ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କୋଷାଧ୍ୟକ୍ଷ ବ୍ୟୋମକେଶ କର, ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ମିଶ୍ର, ସୁରେନ୍ଦ୍ର ହୋତା, ରବି ନାରାୟଣ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ସଭ୍ୟମାନେ ସହଯୋଗ କରିଥିଲେ ।

ରାଜବୋଡାସମ୍ବର ଫଟୋଗ୍ରାଫର ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ନୃସିଂହନାଥ ପୀଠରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏଥିରେ ସମସ୍ତ ଫଟୋଗ୍ରାଫର ଯୋଗ ଦେଇଥିଲେ। ଆସୋସିଏଶନ ସଭାପତି ସୁବାଷ ଚୌପଦାର ଫଟୋଗ୍ରାଫରମାନଙ୍କ ବିଭିନ୍ନ ସମସ୍ୟା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ଦେଇଥିଲେ। ସମ୍ପାଦକ ତ୍ରିବିକ୍ରମ ପ୍ରଧାନ, କୋଷାଧକ୍ଷ ରାଜେଶ ସାହୁଙ୍କ ସମେତ ବହୁ ଫଟୋଗ୍ରାଫର ବୈଠକରେ ଉପସ୍ଥିତ ଥିଲେ ।

ବୌଦ୍ଧ ଶ୍ରୀରଘୁନାଥ ମନ୍ଦିର ନିକଟସ୍ଥ ଏକ ମଣ୍ଡପଠାରେ ଜିଲା ଫଟୋଗ୍ରାଫର ୟୁନିୟନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଗୁରୁବାର ପାଳିତ ହୋଇଯାଇଛି। ୟୁନିୟନର ପୂର୍ବତନ ସଭାପତି ସମୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ତିନୋଟି ବ୍ଲକର ଫଟୋଗ୍ରାଫରମାନେ ଯୋଗ ଦେଇଥିଲେ । ବୈଠକରେ କରୋନା ମହାମାରୀ

**ବିଶ୍ୱ ଫଟୋଗ୍ରାଫି ଦିବସ**

ସମୟରେ ଫଟୋଗ୍ରାଫରମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ଦୀର୍ଘ ଦୁଇବର୍ଷ ହେଲା କରୋନା ଯୋଗୁ ସମସ୍ତ ବିବାହ, ବ୍ରତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସମସ୍ତ ଫଟୋଗ୍ରାଫର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ତେଣୁ ଆଗାମୀ ଦିନରେ ଜିଲାର ସମସ୍ତ ଫଟୋଗ୍ରାଫର ଏକଜୁଟ ହୋଇ ସେମାନଙ୍କ ସମସ୍ୟା ସଂପର୍କରେ ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ ଜିଲାର ୪୦ ଜଣ ଫଟୋଗ୍ରାଫର ଯୋଗ ଦେଇଥିଲେ । ଏହି ଅବସରରେ ୟୁନିୟନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବରେ ସୁନୀଲ କୁମାର ନନ୍ଦ, ଉପସଭାପତି ମିହିର ଚାନ୍ଦ, ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ଓ ସୁବ୍ରତ କୁମାର ରାଜ ଏବଂ କୋଷାଧକ୍ଷ ଭାବରେ ଶାନ୍ତନୁ କୁମାର ଝାଙ୍କରଙ୍କୁ ମନୋନୀତ କରାଯାଇଥିଲା ।

## ପ୍ରକୃତିବନ୍ଧୁ, ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ

**ବରଗଡ଼ ଅଫିସ୍,୧୯।୮**

ବରଗଡ଼ ଜିଲାର ୫ଜଣ ପରିବେଶବିତଙ୍କୁ ପ୍ରକୃତି ବନ୍ଧୁ ଏବଂ ୪ଟି ଶିକ୍ଷାନୁଷ୍ଠାନକୁ ବୁଧବାର ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପ୍ରକୃତିବନ୍ଧୁ ପୁରସ୍କାର ପାଇଥିବା ପରିବେଶବିତ୍‌ମାନେ ହେଲେ ବରଗଡ଼ ୱାର୍ଡ ନଂ–୬ର ଜଗଦୀଶ ସାଇଁ, ଭଟଲି ବ୍ଲକ ଖରମୁଣ୍ଡାର ନିତ୍ୟାନନ୍ଦ ପ୍ରଧାନ, ଗାଇସିଲେଟ ବ୍ଲକ ବରିହାପୁଖାପାଣିର ମୋହନ ରଣା, ପଦ୍ମପୁର ବ୍ଲକ ଘନାମାଲ ଗ୍ରାମର ଗୋବିନ୍ଦ ମେହେର ଏବଂ ସୋହେଲା ବ୍ଲକ ବିନ୍ଧାନପାଲି ଗ୍ରାମର ଲକ୍ଷ୍ମୀ ନାରାୟଣ ଶାହା। ଅତାବିରା ବ୍ଲକ ପତ୍ରାପାଲି ପଞ୍ଚାୟତ ହାଇସ୍କୁଲ, ବରଗଡ଼ ବ୍ଲକ କଲଙ୍ଗାପାଲି ସରକାରୀ ପ୍ରାଥମିକ ସ୍କୁଲ, ବିଜେପୁର ବ୍ଲକ ଏମ. ଶ୍ରୀଗିଡ଼ା ହାଇସ୍କୁଲ ଏବଂ ସୋହେଲା ବ୍ଲକ ଘେଁସ ହାଇସ୍କୁଲକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ବରଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ବନଖଣ୍ଡ ଅଧିକାରୀ ସନ୍ଦୀପ ପ୍ରାଚି ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକୃତିବନ୍ଧୁ ପୁରସ୍କାର ପାଇଥିବା ପରିବେଶବିତମାନଙ୍କୁ ପ୍ରମାଣପତ୍ର ସହିତ ୫ହଜାର ଟଙ୍କା ଏବଂ ପ୍ରକୃତିମିତ୍ର ପୁରସ୍କାର ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରମାଣପତ୍ର ସହିତ ୨୦ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅର୍ଜୁନପୁର ଚିକିତ୍ସାଳୟକୁ ୨ ଅମ୍ଳଜାନ ସାନ୍ଦ୍ରକ ପ୍ରଦାନ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ଚିକିତ୍ସାଳୟକୁ ଗୁରୁବାର ୨ଟି ଅମ୍ଳଜାନ ସାନ୍ଦ୍ରକ (ଅକ୍ସିଜେନ କନସେନଟ୍ରେଟର) ପ୍ରଦାନ କରାଯାଇଛି। ଲୋଇସିଂହା ନଅଗାଁ(ଖ) ସ୍ଥିତ ପଲ୍ଲି ଆଲୋକ ପାଠାଗାର ଏହା ପ୍ରଦାନ କରିଛି। ଏହି ଉଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ରୂପାଧର ପୁଟା ପରିଚାଳନା କରିଥିଲେ । ଅନେକ ରୋଗୀ ଅମ୍ଳଜାନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବାକୁ ଦୃଷ୍ଟିରେ ରଖି ଚିକିତ୍ସାଳୟମାନଙ୍କୁ ଉକ୍ତ ମେଶିନ ଓ ଏନ ୯୫ମାସ୍କ ପ୍ରଦାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ପ୍ରୋଗ୍ରାମ ଅଧିକାରୀ ହିରାଲାଲ ମିଶ୍ର ସୂଚନା ଦେଇଛନ୍ତି । ଏ ଅବସରରେ ସଂଗଠନର ପ୍ରୋଗ୍ରାମ ସଂଯୋଜକ ଅଜୟ ବାଦୀ, ଭାଗବତ ସାହୁ, ପ୍ରଦୀପ କୁମାର ସାହୁ, ପୀତାମ୍ବର ପଧାନ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଆର୍‌ଡି ରାସ୍ତା ମରାମତି ହେଉନି

ଲୋଇସିଂହା,୧୯।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଖୁଣ୍ଟଲିମୁଣ୍ଡାରୁ-ପାଣ୍ଡରୀଡୁଙ୍ଗରୀ ଓ ପାଣ୍ଡରୀଡୁଙ୍ଗରୀ-ପଟୁଆପାଲି ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ମରାମତି ଲାଗି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କୁ ଅଞ୍ଚଳବାସୀ ଏ ନେଇ ଫେରାଦ ହୋଇଛନ୍ତି। ଉକ୍ତ ରାସ୍ତା ସୁବର୍ଣ୍ଣପୁର ଜିଲା ଛକୋରମାଲ ଭାୟା ଲଛିପୁରକୁ ସଂଯୋଗୀକରଣ ହୋଇଛି। ଆଗଲପୁର ବ୍ଲକ ଆଭ୍ୟରୀଣ ପଞ୍ଚାୟତ ପଟୁଆପାଲି, କୁଟାସିଂହାର ଏକ ପ୍ରମୁଖ ରାସ୍ତା । ସମ୍ପୃକ୍ତ ପଞ୍ଚାୟତବାସୀ ଶନିବାର ଭାଲିଆମୁଣ୍ଡା ସପ୍ତାହିକ ବଜାର ସମେତ ଦୈନନ୍ଦିନ ବୁର୍ଡା ଓ ଲୋଇସିଂହାକୁ ଆସିବା ପାଇଁ ଉକ୍ତ ରାସ୍ତା ଦେଇ ଆସିଥାନ୍ତି। ହେଲେ ଗତ ୩ବର୍ଷ ହେଲା ଉକ୍ତ ରାସ୍ତା ଶୋଚନୀୟ ହୋଇପଡିଛି । ମରାମତି ଅଭାବରୁ ରାସ୍ତାରୁ ମେଟାଲ ସବୁ ଉଠି ଯାତାୟତ ଅନୁପଯୋଗୀ ହୋଇପଡିଛି। ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ରକ୍ତଦାନ କରି ଜୀବନ ବଞ୍ଚାଇଲେ ସ୍ୱେଚ୍ଛାସେବୀ

ଦେଓଗାଁ,୧୯।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସବାହାଲର ଜନୈକ ସ୍ୱେଚ୍ଛାସେବୀ ଗୁରୁବାର ଜଣେ ଗର୍ଭବତୀ ମହିଳାଙ୍କୁ 'ଓ' ନେଗେଟିଭ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି। ତରଭା ନିକଟ ଜନକପୁର ଗାଁର ଅଞ୍ଜଳି ବାରିକଙ୍କୁ ଓ ନେଗେଟିଭ ରକ୍ତର ଆବଶ୍ୟକତା ରହିଥିଲା । ଏନଏଫଆଇଡିର ସ୍ୱେଚ୍ଛାସେବୀ ପ୍ରଭାତ କୁମାର ମହାନନ୍ଦ ଖବର ପାଇବା ପରେ ସଂଗଠନ ସଦସ୍ୟ ଦେଓଗାଁ ବ୍ଲକ ସାରସବାହାଲର ପ୍ରଦୀପ କୁମାର ହରପାଲଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ସେ ଭୀମ ଭୋଇ ମେଡିକାଲ ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରିଥିଲେ। ସଂଗଠନର ଅନ୍ୟତନ ସଦସ୍ୟ ଦିଲୀପ ଦଣ୍ଡସେନା ଅନ୍ୟଜଣେ ମହିଳା ପଦ୍ମାବତୀ ଦଣ୍ଡସେନାଙ୍କୁ ଓ ନେଗେଟିଭ ରକ୍ତଦାନ କରିଥିଲେ। ସେହିପରି ସୁରେଶ ସାମଲ ଦୁଃଖିଶ୍ୟାମ ସାହୁଙ୍କୁ ଓ ପଦ୍ମୁଖ ବାଗ ନୀଳ ନନ୍ଦଙ୍କୁ ଓ ପଜିଟିଭ ରକ୍ତଦାନ କରି ପ୍ରଶଂସାର ପାତ୍ର ସାଜିଛନ୍ତି ।

### କାମରେ ଆସୁନି ଯୋଗୀସର୍ଡା ଏଏନ୍‌ଏମ୍ କେନ୍ଦ୍ର

ଲୋଇସିଂହା,୧୯।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଯୋଗୀସର୍ଡା ଏଏନଏମ କେନ୍ଦ୍ର ଲୋକଙ୍କ କାମରେ ଆସୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଧିକାଂଶ ଦିନ କେନ୍ଦ୍ରରେ ତାଲା ଝୁଲୁଛି। ଏଠାରେ ନିଯୁକ୍ତ ଏଏନଏମ ନିୟମିତ କେନ୍ଦ୍ରରେ ରହୁ ନ ଥିବାରୁ ଏପରି ଅବସ୍ଥା ହେଉଥିବା କୁହାଯାଉଛି। ଫଳରେ ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଠାରେ କର୍ମୀଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି। ହେଲେ ସେ ଏଠାରେ ନ ରହି ବାହାରୁ ଯିବା ଆସିବା କରିଥାନ୍ତି। ଟିକାକରଣ କିମ୍ବା କୌଣସି ମିଟିଂ ଦିନମାନଙ୍କରେ କେବଳ କାର୍ଯ୍ୟାଳୟ ଖୋଲୁଛି। ବାକି ଦିନରେ କେନ୍ଦ୍ରରେ ତାଲା ଝୁଲି ରହୁଥିବାରୁ ଏଏନ୍‌ଏମ୍ କେନ୍ଦ୍ର କିଛି କାମରେ ଆସୁନାହିଁ ବୋଲି ବରିଷ୍ଠ ନାଗରିକ ରାଜକିଶୋର ମିଶ୍ର କହିଛନ୍ତି। ନିକଟରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସୀତ କୁମାର ତ୍ରିପାଠୀଙ୍କ ଯୋଗୀସର୍ଡ ଗସ୍ତ ବେଳେ ଗାଁରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବାକୁ ଦାବି କରିଥିବା ସେ କହିଛନ୍ତି। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସନ୍ତୋଷ ଦୋରାଙ୍କୁ ଏ ନେଇ ପଚାରିବାରୁ ଏଏନଏମ ବିଭିନ୍ନ ଗାଁକୁ ଗସ୍ତ କରୁଥିବା କହିଛନ୍ତି।

### ଜ୍ୟୋତ୍ସ୍ନାମୟୀ ନାଗ ବ୍ଲକ ବିଜେଡି ମହିଳା ସଭାନେତ୍ରୀ

ଲୋଇସିଂହା,୧୯।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବିଜେଡି ମହିଳା ସଭାନେତ୍ରୀଭାବେ ଜ୍ୟୋତ୍ସ୍ନାମୟୀ ନାଗଙ୍କୁ ପୁନଃ ମନୋନୀତ କରାଯାଇଛି। ଆଗାମୀ ୩ବର୍ଷ ପାଇଁ ସେ ସଭାପତି ଦାୟିତ୍ୱ ତୁଲାଇବେ । ତାଙ୍କ ପ୍ରତି ଦଳ ପୁନଃ ଆସ୍ଥା ପ୍ରକଟ କରିଥିବାରୁ ସେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଟୁକୁନି ସାହୁ, ଶ୍ରମମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ, ପୂର୍ବତନ ଏମପି କଳିକେଶ ନାରାୟଣ ସିଂଦେଓ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳପ୍ରତି ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବି ବୋଲି ସେ ଲହିଛିଁ । ସୂଚନାଯୋଗ୍ୟ ଯେ, ସମ୍ପ୍ରତି ଜ୍ୟୋତ୍ସ୍ନାମୟୀ କୁଶମେଲ ପଞ୍ଚାୟତର ସମିତି ସଭ୍ୟା ଅଛନ୍ତି।

# ଜୀବନ୍ୟାସ ଆଶାରେ ପ୍ରସ୍ତାବିତ ରେଳ ପ୍ରକଳ୍ପ

ବଲାଙ୍ଗୀର ଅଫିସ,୧୯।୮

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତା ୨୨ତାରିଖରେ ବଲାଙ୍ଗୀର ଜିଲା ଗସ୍ତରେ ଆସୁଛନ୍ତି । ରେଳମନ୍ତ୍ରୀଙ୍କ ଗସ୍ତ ଚୂଡାନ୍ତ ହେବା ପରେ ଜିଲାର ବିଭିନ୍ନ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ବିଶେଷକରି ଦୀର୍ଘଦିନରୁ ପଡିରହିଥିବା ଜିଲାର ପ୍ରସ୍ତାବିତ ରେଳପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେବା ନେଇ ପୁଣି ଥରେ ଆଲୋଚନା-ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ପ୍ରକଳ୍ପ ମଞ୍ଜୁରିକୁ ୨୮ବର୍ଷ ବିତିଯାଇଥିଲେ ମଧ୍ୟ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ନିର୍ମାଣାଧୀନ ରେଳ ପ୍ରକଳ୍ପ କାମ ଆଶାନୁରୂପକ ହେଉନାହିଁ। ଏବେବି ଅନେକ ସମସ୍ୟା ଲାଗିରହିଛି। ଏସବୁ ସମସ୍ୟାର ସମାଧାନ ଦିଗରେ ରେଳମନ୍ତ୍ରୀ କ'ଣ ଘୋଷଣା କରିବେ ତାକୁ ନେଇ ବଲାଙ୍ଗୀର ଜିଲା ସମେତ ପଶ୍ଚିମ ଓଡିଶାବାସୀ ଚାହିଁ ରହିଛନ୍ତି।

ଏହାବାଦ୍ ବଲାଙ୍ଗୀର ଜିଲାରେ ଦୀର୍ଘବର୍ଷରୁ ପ୍ରସ୍ତାବିତ ଅନେକ ରେଳପ୍ରକଳ୍ପର ଭବିଷ୍ୟତ କ'ଣ ହେବ ଏବଂ ଏହା ଉପରେ ରେଳମନ୍ତ୍ରୀ ବୈଷ୍ଣବ କ'ଣ ପଦକ୍ଷେପ ନେବେ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କଣ୍ଟାବାଞ୍ଜିଠାରେ ଏକ ରେଳୱାଗନ କାରଖାନା ଓ କଂକ୍ରିଟ ସ୍ଲିପର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦୀର୍ଘବର୍ଷରୁ ଦାବି ହୋଇଆସୁଛି। ଏହି ଦୁଇ ଦାବିକୁ କାର୍ଯ୍ୟକାରୀ କରିବା ଦିଗରେ ଓଡିଶା ବିଧାନସଭା ଗୃହକମିଟି ପକ୍ଷରୁ ମଧ ରେଳବିଭାଗକୁ ପ୍ରସ୍ତାବ ଦିଆଯାଇଛି। ତେବେ ଏହି ପ୍ରସ୍ତାବ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ରେଳବିଭାଗ ପକ୍ଷରୁ କଣ୍ଟାବାଞ୍ଜି ରେଲୱେ ଷ୍ଟେଶନଠାରେ ଇଲେକ୍ଟ୍ରିକାଲ୍ ଲୋକୋସେଡ୍ ସହ ଏମ୍‌ଇଏମ୍‌ୟୁ (ମେମୁ) ସେଡ୍ ଏବଂ ସୋଲାର ପାର୍କ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ହୋଇଥିଲା। ଖୋଦ୍ ରେଳବିଭାଗର ପ୍ରସ୍ତାବିତ ଉପରୋକ୍ତ ଦୁଇ ପ୍ରକଳ୍ପକୁ ଏପର୍ଯ୍ୟନ୍ତ ମଞ୍ଜୁରି ମିଳିନାହିଁ। ରେଳବିଭାଗ ପକ୍ଷରୁ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ଏହାସହିତ ବଲାଙ୍ଗୀର-ପାଟଣାଗଡ-ନୂଆପଡା ନୂତନ ରେଳପଥ ନିର୍ମାଣ ପାଇଁ ଦାବି ହୋଇଆସୁଛି। ଏହି ରେଳପଥ ନିର୍ମାଣ ହେଲେ ଜିଲାର ହର୍ଡାଟାଲ, ଚୁଡାପାଲି, ଭଇଁଷା, ପାଟଣାଗଡ, ଯୋଗୀମୁଣ୍ଡା, ବେଲପଡା, ଖପ୍ରାଖୋଲ ଭଳି ରେଳ ଯୋଗାଯୋଗବିହୀନ ଅଞ୍ଚଳର ଲୋକେ ବିଶେଷ ଉପକୃତ ହେବେ। ବିଶ୍ୱପ୍ରସିଦ୍ଧ ହରିଶଙ୍କର ପୀଠକୁ ସିଧାସଳଖ ରେଳ ଯୋଗାଯୋଗ ସମ୍ଭବ ହୋଇପାରିବ। ପର୍ଯ୍ୟଟନ ବୃଦ୍ଧି ଦିଗରେ ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାରୁ ବଲାଙ୍ଗୀରରୁ ପାଟଣାଗଡ ଦେଇ ଛତିଶଗଡର ରାୟପୁରକୁ ଭୁବନେଶ୍ୱରକୁ ସିଧାସଳଖ ନୂଆ ରେଳ ଯୋଗାଯୋଗ ସମ୍ଭବ ହେବା ସହ ଦୂରତା ମଧ କମିଯିବ। ଏଭଳିକି ରେଳ ମାନଚିତ୍ରରେ ବଲାଙ୍ଗୀର ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଜଙ୍କସନ୍ ହୋଇପାରିବ। ଟିଟିଲାଗଡରେ ଏକ ଅଟୋମେଟିକ୍ ରେଲୱେ କୋଚ୍‌ୱାସିଂ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବାକୁ ଦାବି ରହିଛି। କଣ୍ଟାବାଞ୍ଜିଠାରୁ ଖରିଆର-ଧର୍ମଗଡ-ନବରଙ୍ଗପୁର-ଜୟପୁର ପାଇଁ ମଧ ଏକ ରେଳପ୍ରକଳ୍ପ ପ୍ରସ୍ତାବିତ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୀମାନ୍ତ ଓଡିଶାବାସୀ ରେଳ ସହ ଯୋଡି ହୋଇ ଉପକୃତ ହେବେ। ବଲାଙ୍ଗୀର ଜିଲାରେ ରେଳ ପ୍ରକଳ୍ପ ଓ ଭିତ୍ତିଭୂମି ବଢ଼ିଲେ ଏହା ଜିଲାର ଆର୍ଥିକ ଅନଗ୍ରସରତା ଦୂର କରିବାରେ ସହାୟକ ହେବ। ରେଳମନ୍ତ୍ରୀ ହେବା ପରେ ବୈଷ୍ଣବ ପ୍ରଥମ ଗସ୍ତରେ ବଲାଙ୍ଗୀର ଆସୁଥିବାରୁ ଏହି ଅଞ୍ଚଳର ପ୍ରସ୍ତାବିତ ରେଳ ପ୍ରକଳ୍ପଗୁଡିକ ଜୀବନ୍ୟାସ ପାଇବ ବୋଲି ଜିଲାବାସୀ ଆଶା କରିଛନ୍ତି ।


ରେଳମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବଲାଙ୍ଗୀର ରେଳଷ୍ଟେଶନ ପ୍ଲାଟଫର୍ମରେ ରଙ୍ଗ ଦିଆଯାଉଛି।

- କଣ୍ଟାବାଞ୍ଜିରେ ୱାଗନ ଫ୍ୟାକ୍ଟ୍ରି, କଂକ୍ରିଟ୍ ସ୍ଲିପର ପ୍ଲାଣ୍ଟ
- ଇଲେକ୍ଟ୍ରିକାଲ ଲୋକୋସେଡ, ସୋଲାର ପାର୍କ
- ବଲାଙ୍ଗୀର-ପାଟଣାଗଡ-ନୂଆପଡା ରେଳପଥ
- କଣ୍ଟାବାଞ୍ଜି-ଖରିଆର-ଧର୍ମଗଡ-ନବରଙ୍ଗପୁର-ଜୟପୁର ରେଳପଥ
- ଟିଟିଲାଗଡରେ ଅଟୋମେଟିକ୍ ରେଲୱେ ୱାଶିଂ ପ୍ଲାଣ୍ଟ

### ୨୨ରେ ବଲାଙ୍ଗୀର ଆସିବେ ରେଳମନ୍ତ୍ରୀ

## 'ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ଜାତୀୟ ପ୍ରକଳ୍ପ ଘୋଷଣା କର'

ବଲାଙ୍ଗୀର ଅଫିସ,୧୯।୮

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ଜାତୀୟ ପ୍ରକଳ୍ପ ଘୋଷଣା କରିବାକୁ ବଲାଙ୍ଗୀରର ପୂର୍ବତନ ଏମପି କଳିକେଶ ନାରାୟଣ ସିଂଦେଓ ଦାବି କରିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବଲାଙ୍ଗୀର ଜିଲା ଗସ୍ତ ଅବ୍ୟବହତି ପୂର୍ବରୁ ତାଙ୍କୁ ଚିଠି ଲେଖି ସିଂଦେଓ ଦାବି ଜଣାଇଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ଖୋର୍ଦ୍ଧା-ବଲାଙ୍ଗୀର ୨୮୯ କିଲୋମିଟର ରେଳପ୍ରକଳ୍ପ କାମ ଧୀରେ ଧୀରେ ଚାଲିଛି। ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ହେଲେ ଏହାକୁ ଜାତୀୟ ପ୍ରକଳ୍ପ ଘୋଷଣା କର। ଡିସେମ୍ବର ୨୦୨୨ ସୁଦ୍ଧା ବଲାଙ୍ଗୀର ପଟରୁ ଅତିକମ୍‌ରେ ସୋନପୁର ପର୍ଯ୍ୟନ୍ତ ରେଳ ଚଳାଚଳ କର ବୋଲି ଦାବି ଜଣାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ କଣ୍ଟାବାଞ୍ଜିଠାରେ ଲୋକୋ ଫେକ୍ଟ୍ରି ସ୍ଥାପନ ପାଇଁ ୭୦୦ ଏକର ଜମି ଦାନ କରିଥିଲେ। ଏହା ଖାଲି ପଡିଛି। ଏଣୁ ଏଠାରେ ଶୀଘ୍ର ଏକ ରେଳ ୱାଗନ କାରଖାନା ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଛନ୍ତି। ଏହାବ୍ୟତୀତ ବଲାଙ୍ଗୀର ରେଳଷ୍ଟେସନକୁ ପ୍ରଧାନମନ୍ତ୍ରୀ ମୋଡେଲ ରେଳଷ୍ଟେଶନ୍ ଘୋଷଣା କରିବାକୁ ଦାବି କରିଛନ୍ତି। ଏହା ସହିତ ବହୁ ଟ୍ରେନ୍‌କୁ ବଲାଙ୍ଗୀର ଓ ଟିଟିଲାଗଡ ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ନୂଆଦିଲ୍ଲୀ, ଆହ୍ଲାବାଦ୍ ସହ ଯୋଡିବାକୁ ଦାବି କରିଛନ୍ତି।

## ଏନ୍‌ଏସି ସଫେଇ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ


କର୍ମଚାରୀ ସଂଘ ପକ୍ଷରୁ ଏନଏସି ଇଓଙ୍କ ସହ ଆଲୋଚନା କରାଯାଉଛି।

ଗୁଡ଼ଭେଲା,୧୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ମା ସମଲେଶ୍ୱରୀ ଏନଏସି କର୍ମଚାରୀ ସଂଘ ପକ୍ଷରୁ ୫ଦଫା ସମ୍ବଳିତ ଏକ ଦାବିପତ୍ର ଗୁରୁବାର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପ୍ରଦାନ କରାଯାଇଛି। ସାତ ମାସ ହେଲା ଇପିଏଫ ଟଙ୍କା କଟୁଥିଲେ ମଧ ଇପିଏଫ ନମ୍ବର ଦିଆଯାଉ ନାହିଁ। ଏ ନେଇ ଯିଏ କହୁଛି ତାକୁ ଛଟେଇ କରାଯାଉଛି। ଏଣୁ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ପ୍ରତ୍ୟେକ ମାସର ୭ ତାରିଖ ଦରମା ପ୍ରଦାନ, କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ ଆଦି ପ୍ରମୁଖ ଦାବି ରହିଛି । ଏହାର ଏକ ନକଲ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, ଜିଲାପାଳ ଓ ଶ୍ରମ ବିଭାଗକୁ ଦିଆଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ମୁର୍ମୁ କହିଛନ୍ତି ଯେ, ସଫେଇ ଠିକାସଂସ୍ଥା ଚନ୍ଦନ ଏଜେନ୍ସି ନମ୍ବର ଦେଉ ନଥିବାରୁ ୨ମାସ ହେଲା ଇପିଏଫ ଟଙ୍କା ସମ୍ପୃକ୍ତ ସଂସ୍ଥାକୁ ଦିଆଯାଉ ନାହିଁ। ଏଥିପାଇଁ ନୋଟିସ କରାଯାଇଛି। ତେବେ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଠିକାସଂସ୍ଥା ମାଲିକ ପାରିସନାଥ ଦାଶଙ୍କୁ ପଚାରିବାରୁ ଶ୍ରମିକମାନେ ସେମାନଙ୍କ ଆଧାରକାର୍ଡ ଦେଇ ନଥିବାରୁ ଏପରି ଅସୁବିଧା ହୋଇଛି ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ମନୋଜ ଜୈନ, ଉପସଭାପତି ବିକାଶ ଶର୍ମା, ଅନୀତା ସୁନା, ରିଙ୍ଗି ସାଗର, ଜିତୁ ସାଗର, ଟିକ କୁମାର, ଅଇଁଲା ସୁନା, ଅଶୋକ କୁମାର, ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ଲକ ବାରିକ ସମାଜ ଗଠିତ

ଲୋଇସିଂହା,୧୯।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ରାମ ମନ୍ଦିର ପରିସରରେ ବ୍ଲକ ବାରିକ ସମାଜର ବୈଠକ ପ୍ରଦୀପ ପଶାୟତଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତିଭାବେ କିଶୋର ବାରିକ, ଉପସଭାପତି ଅନଙ୍ଗ ବାରିକ, ସମ୍ପାଦକ ସତ୍ୟନାରାୟଣ ବାରିକ, ସହସମ୍ପାଦକ ଅଭିମନ୍ୟୁ ବାରିକ ଓ କୋଷାଧ୍ୟକ୍ଷ ଭାବେ ଗୋବିନ୍ଦ ବାରିକ ମନୋନୀତ ହୋଇଛନ୍ତି। ଏହାବ୍ୟତୀତ ୧୩ ଜଣଙ୍କୁ ଉପଦେଷ୍ଟା ମଣ୍ଡଳୀରେ ରଖାଯାଇଛି। ସମାଜିକ ଆଲୋଚନା ପରେ ସେଲୁନ ସଂଘ ସଭାପତି ଶିବ ପଶାୟତ, କୁନୁ ପଶାୟତଙ୍କୁ ସମ୍ପାଦକଭାବେ ବଛାଯାଇଥିଲା। ଏହି ଅବସରରେ ନୂତନ ସେଲୁନ ଦର ନିର୍ଦ୍ଧାରଣ ହୋଇଛି।

## ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

ଖପ୍ରାଖୋଲ, ୧୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ଆବସ ଯୋଜନାରେ ଅନିୟମିତତା ହୋଇଛି। ଏ ନେଇ ଗାଁର ସୁଶୀଲ ପରାଭୁଏ ଖପ୍ରାଖୋଲ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ୨୦୧୨ ମସିହାରେ ତାଙ୍କୁ ଏକ ଆବାସ ଗୃହ ମିଳିଥିଲା। ହେଲେ ତାଙ୍କର ନିଜସ୍ୱ ଜାଗା ନ ଥିବାରୁ ପ୍ରଶାସନ ଗାଁର ଏକ ସରକାରୀ ଜାଗାରେ ଘର ତିଆରି ପାଇଁ କହିଥିଲେ। ହେଲେ ସୁଶୀଲ ସେଠାରେ ଘର କରି କରିବାକୁ ମନା କରିଥିଲେ । ହେଲେ ଏହି ଘରର ପଇସା କେହି ତାଙ୍କ ଅଜାଣତରେ ୩ଟି କିସ୍ତିରେ ୭୫ ହଜାର ଟଙ୍କା ଉଠାଇ ନେଇଥିବା ସେ ଅଭିଯୋଗ କରିଛନ୍ତି। ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ତଦନ୍ତ ପରେ ଘଟଣା ସମ୍ପର୍କରେ ଜଣାପଡିବ ବୋଲି କହିଛନ୍ତି।

# ଚାଷୀଙ୍କ ଆଶା ଧୂଳିସାତ୍

ବାଉଁଶୁଣୀ,୧୯।୮(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ସଦର ମହାକୁମାରେ ଥିବା ଲକ୍ଷ୍ମୀସାଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଠିକ ସମୟରେ କାମରେ ଲାଗୁନାହିଁ। ଫଳରେ ଚାଷୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ବରଗୋଛା ଓ ଶଗଡା ପଞ୍ଚାୟତର ଅନେକ ଗ୍ରାମରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ ସମ୍ପୂର୍ଣ୍ଣଭାବେ ବର୍ଷା ଉପରେ ନିର୍ଭର କରୁଥିଲେ। ମରୁଡ ମୁକାବିଲା ପାଇଁ ଲକ୍ଷ୍ମୀସାଗରକୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯାଇଥିଲା। ପ୍ରାୟ ୨୫୦ଏକର ପରିମିତ ଜମିରେ ଥିବା ଏହି ବୃହତ ପ୍ରକଳ୍ପରେ ଚଳିତ ବର୍ଷ ବର୍ଷାଭାବରୁ ବହୁତ କମପାଣି ମହଜୁଦ ରହିଛି। ପ୍ରକଳ୍ପକୁ ଲାଗି କରିଥିବା ଚାଷଜମି କିଛିମାତ୍ରାରେ ଜଳସେଚିତ ହୋଇଛି। ଅନ୍ୟ ଚାଷୀ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଅନ୍ୟପକ୍ଷରେ କେବଳ ଚଳିତ ବର୍ଷ ନୁହେଁ, ଅନ୍ୟ ବର୍ଷମାନଙ୍କରେ ବି ପ୍ରକଳ୍ପରେ ପାଣି ଅଧାଅଧି ବି ରହୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ହେବ ପଙ୍କୋଦ୍ଧାର ହୋଇ ନ ଥିବାରୁ ପ୍ରକଳ୍ପର ଜଳଧାରଣ କ୍ଷମତା ହ୍ରାସ ପାଇଥିବା ପାଣି ପଞ୍ଚାୟତ ସଭାପତି ମୋତିଲାଲ ଡାଙ୍ଗ ଓ ଅନ୍ୟ କେତେକ ଚାଷୀ ମତବ୍ୟକ୍ତ କରିଛନ୍ତି। ଏତେ ବଡ଼ ପ୍ରକଳ୍ପ ଠିକ ସମୟରେ କାମରେ ଲାଗୁ ନ ଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ବିଚାର କରି ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି।



### ଲକ୍ଷ୍ମୀସାଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

- ପଙ୍କୋଦ୍ଧାର ନ ହେବାରୁ ଜଳଧାରଣ କ୍ଷମତା ହ୍ରାସ ପାଇଛି
- ୨୫୦ଏକର ପରିମିତ ଜମିରେ ହୋଇଛି ପ୍ରକଳ୍ପ

## ବାଲ୍ୟ ବିବାହ ରୋକିବାକୁ ଶପଥପାଠ


ବାଲ୍ୟ ବିବାହ ରୋକିବାକୁ ଶପଥ ପାଠ କରାଯାଉଛି।

ସଇଁତଳା, ୧୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଢ଼େଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜୁନିୟର ରେଡକ୍ରସ ୟୁନିଟ୍ ତରଫରୁ ବାଲ୍ୟ ବିବାହ ରୋକିବାକୁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜେମାମଣି ମଲିକ ଯୋଗଦାନ କରିଥିଲେ। ଡେଙ୍ଗ, ବୁର୍ଡା, ଛକୋରବାଞ୍ଜି, ବେନିଆବନ୍ଧ, ଟୁର୍ଚ୍ଚାପଡା, ସିଲେଟପଡା, ବ୍ରାହ୍ମଣୀ, ରେଲୱେ ଷ୍ଟେଶନ କଲୋନୀ, ଧୁନକେଡା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । ଶିକ୍ଷକ ବିଶ୍ୱନାଥ ମେହେର, ଲିଙ୍ଗରାଜ ନନ୍ଦ ଓ ଶିକ୍ଷୟିତ୍ରୀ ଗାୟତ୍ରୀ ବାରିକ ବାଲ୍ୟ ବିବାହ ଦ୍ୱାରା ଦେଖାଯାଉଥିବା ବିଭିନ୍ନ ମାନସିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆମ ଦେଶରେ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ଅନୁଯାୟୀ ବାଲ୍ୟ ବିବାହ ଏକ ଜାମିନ୍ ବିହୀନ ଧର୍ତ୍ତବ୍ୟ ଅପରାଧ । ତେଣୁ ଝିଅର ବୟସ ୧୮ ଓ ପୁଅର ବୟସ ୨୧ ବର୍ଷରୁ ଉର୍ଦ୍ଧ୍ୱ ହେଲେ ବିବାହ କରାଇବା ଦିଗରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ବାଲ୍ୟ ବିବାହ ପ୍ରଥାକୁ ରୋକିବା ପାଇଁ ଜୁନିୟର ରେଡକ୍ରସ କାଉନସେଲର ରାମ ନାରାୟଣ ଦାଶ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ବାଲ୍ୟ ବିବାହର କୁପରିଣାମର ବିଷୟରେ ଅବଗତ କରାଯାଇଥିଲା। ଶିକ୍ଷକ ବ୍ରଜମୋହନ ମାଝି, ଆଦିତ୍ୟ ରଣା, ହିମାଂଶୁ ଶେଖର ବିଶ୍ୱାଳ, ଶିକ୍ଷୟିତ୍ରୀ ଦ୍ରୋପଦୀ ଭୋଇ, ଯଶୋବନ୍ତି ସୁନା, ଅଙ୍ଗନୱାଡି କର୍ମୀ ଲିନୁ ସାହୁ, ଗ୍ରାମ୍ୟ ପରିଚାଳନା କମିଟି ସଭ୍ୟ ବିମ୍ବରାଜ ରଣା, ମହେନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ। ସୁଦର୍ଶନ ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷୟିତ୍ରୀ ରେଣୁକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆବାସ ଗୃହ: ହିତାଧିକାରୀଙ୍କୁ ମିଳୁନି ବୋନସ ଟଙ୍କା

ଅମରପାଲି,୧୯।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ରଥପୁର ଗ୍ରାମରେ ଆବାସ ଗୃହ ନିର୍ମାଣ ଠିକ ସମୟରେ ସମ୍ପୂର୍ଣ୍ଣ କରିଥିଲେ ମଧ ବୋନସ ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଛି। ଗ୍ରାମର ଶିବ ପ୍ରସାଦ ପଣ୍ଡା ନାମକ ଜଣେ ହିତାଧିକାରୀଙ୍କୁ ୯ ଅକ୍ଟୋବର, ୨୦୨୦ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଥିଲା। ପରେ କୌଣସି ତ୍ରୁଟି ଦର୍ଶାଇ ଏହାକୁ ବନ୍ଦ କରି ଦିଆଯାଇଥିଲା। ଏ ନେଇ ଯାଞ୍ଚ ହେବା ପରେ ୧୦ ଫେବୃଆରୀ, ୨୦୨୧ରେ ପୁଣି ତାଙ୍କୁ ଘର ନିର୍ମାଣ ପାଇଁ ବ୍ଲକ ତରଫରୁ କୁହାଗଲା ଏହାପରେ ଅଭିଯୋଗକାରୀ ୩ ମାସ ୭ ଦିନ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ବୋନସ ଟଙ୍କା ଓ ଏମ୍‌ଜିଏନ୍‌ଆର୍‌ଇଜିଏ୍ ଟଙ୍କା ମଧ ମିଳି ପାରିନାହିଁ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ବି କୌଣସି ସମାଧାନ ହୋଇ ପାରିନାହିଁ। ଶେଷରେ ତାଙ୍କୁ କାହିଁକି ବୋନସ ଟଙ୍କା ଓ ଏମ୍‌ଜିଏନ୍‌ଆର୍‌ଇଜିଏ୍ ଟଙ୍କା ମିଳୁନି ବୋଲି ସୂଚନା ଅଧିକାର ଆଇନ ମାଧ୍ୟମରେ ଜାଣିବାକୁ ଆବେଦନ କରିଥିଲେ। ତେବେ ସୂଚନା ଦେବା ପାଇଁ ତାଙ୍କୁ ୨୦ ହଜାର ଟଙ୍କା ଦେବାକୁ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ନିକଟରେ ହିତାଧିକାରୀ ଶିବ ପ୍ରସାଦ ତାଙ୍କୁ ୭ ଦିନ ମଧ୍ୟରେ ବୋନସ ଟଙ୍କା ଦେବାକୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଟଙ୍କା ଦିଆ ନ ଯାଏ ତେବେ ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଜଣେ ଶ୍ରମିକଙ୍କ ନାମରେ ଉଠିଛି ୩.୯୭ଲକ୍ଷ

ଲୋଇସିଂହା,୧୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିଖୁଣ୍ଟିସ୍ଥିତ ଖର୍ଡିଆମୁଣ୍ଡାରେ ମାଟି ଉନ୍ନତୀକରଣରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଘଟଣାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଦୁଇଥର ତଦନ୍ତ ହୋଇଛି। ତେବେ ନିକଟରେ ମିଳିଥିବା ଆରଟିଆଇ ତଥ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ପ୍ରକଳ୍ପରେ ବିନା କାମରେ ୩୨ ଜଣଙ୍କ ନାମରେ ୮ ଲକ୍ଷ ୩୪ ହଜାର ୨୭୭ ଟଙ୍କା ଆତ୍ମସାତ କରାଯାଇଛି । ସେଥିରେ ୩ ଜଣ ମୃତ ବ୍ୟକ୍ତି ଓ ପ୍ରକଳ୍ପରେ ନିୟୋଜିତ ଶ୍ରମିକଙ୍କୁ ପାଣି ଦେବା କାମରେ ନିୟୋଜିତ ମହିଳା ଶ୍ରମିକଙ୍କ ନାମରେ ଟଙ୍କା ପୈଠ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଭରତ ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଉଠିଛି ୩ଲକ୍ଷ ୯୭ହଜାର ୬୦୫ଟଙ୍କା। ଗାଁର ଗୌର ଭୋଇ ଓ ସୁବାଷ ବହିଦାର ଖର୍ଡିଆମୁଣ୍ଡା ମାଟି ଉନ୍ନତୀକରଣ ସମ୍ପର୍କରେ ବ୍ଲକ ପ୍ରଶାସନକୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଆରଟିଆଇ ତଥ୍ୟ ମୁତାବକ ଗ୍ରାମର ରଘୁନାଥ ବିଶ୍ୱାଳଙ୍କ ୩ ଜାନୁୟାରୀ ୨୦୦୯ରେ ମୃତ୍ୟୁ ହୋଇଯାଇଛି । ହେଲେ ସେ ଉକ୍ତ ମାଟି କାମରେ ନିୟୋଜିତ ହୋଇଛନ୍ତି। ତାଙ୍କ ନାମରେ ୩୨ ହଜାର ୫୩୦ ଟଙ୍କା ପୈଠ ହୋଇଛି । ବେଣୁଧର ବିଶ୍ୱାଳଙ୍କ ୭ ଜୁଲାଇ ୨୦୨୦ରେ ପରଲୋକ ହୋଇଯାଇଛି। ହେଲେ ତାଙ୍କ ନାମରେ ୧୨ ହଜାର ୬ ଶହ ଟଙ୍କା ପୈଠ ହୋଇଛି। ରାଏମତି ସାହୁଙ୍କର ୨୨ ନଭେମ୍ବର ୨୦୦୮ରେ ମୃତ୍ୟୁ ଘଟିଛି। ହେଲେ ଆଶ୍ଚର୍ଯ୍ୟର ବିଷୟ ସେ ମଧ୍ୟ କାମ କରିଛନ୍ତି। ତାଙ୍କ ନାମରେ ୧୩ ହଜାର ୯୯୮ ଟଙ୍କା ପୈଠ ହୋଇଛି। ପ୍ରକଳ୍ପ କାମବେଳେ ନିୟୋଜିତ ଶ୍ରମିକଙ୍କୁ ପିଇବା ପାଣି ଯୋଗାଇବା ପାଇଁ ଜଣେ ସ୍ୱତନ୍ତ୍ର ଶ୍ରମିକ ନିୟୋଜିତ ହୋଇଥାନ୍ତି। ଏଠାରେ ପାର୍ବତୀ ବିଶ୍ୱାଳ ନିୟୋଜିତ ହୋଇଥିଲେ । ତାଙ୍କ ନାମରେ ୨୭ ହଜାର ୭୦୮ ଟଙ୍କା ପୈଠ କରାଯାଇଛି । ଏହାବ୍ୟତୀତ ୱାର୍ଡସଭ୍ୟ ନିତ୍ୟାନନ୍ଦ ପଧାନଙ୍କ ନାମରେ ୩୯ ହଜାର ୨୭୧ ଟଙ୍କା ପୈଠ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ରୀତା ବିଶି କହିଛନ୍ତି ଯେ, ଗାଁ ସାଥୀ ମଷ୍ଟରରୋଲ କରିଛନ୍ତ, ପଞ୍ଚାୟତରୁ ଟଙ୍କା ପେମେଣ୍ଟ ହୋଇଛି। ତେଣୁ ସେମାନେ ହିଁ ଏ ନେଇ କହିପାରିବେ ବୋଲି କହିଥିଲେ । ଗାଁ ସାଥୀ ସଂଯୁକ୍ତା ବିଶ୍ୱାଳଙ୍କୁ ପଚାରିବାରୁ ୧୦ଜଣରେ ଗୋଟିଏ ଗ୍ରୁପ କରି ଟଙ୍କା ପୈଠ ଲରାଯାଇଛି । ମାଷ୍ଟରରୋଲ ଯାଞ୍ଚ କରିବା ଦାୟିତ୍ୱ ଯନ୍ତ୍ରୀଙ୍କର ବୋଲି ସେ କହିଥିଲେ। ଏହି ଘଟଣାରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମବାସୀ।



- ଖର୍ଡିଆମୁଣ୍ଡା ମାଟି କାମରେ ଅନିୟମିତତା
- ବିନା କାମରେ ୩୨ ଜଣଙ୍କ ନାମରେ ଉଠିଛି ୮ଲକ୍ଷ ୩୪ହଜାର
- ସେମାନଙ୍କ ମଧରେ ରହିଛନ୍ତି ୩ ମୃତକ
- ଗାଁ ସାଥୀ, ଯନ୍ତ୍ରୀ ଦୋଷ ଲଦାଲଦି